# କାଳୀମେଘା, ତିହିଡ଼ିରେ ଜମିଲା କାଦୁଅ ଖେଳ

ତିହିଡ଼ି,୫।୩(ସଞ୍ଜିତ ବଳ)



ତିହିଡ଼ି ବ୍ଲକର ବିଭିନ୍ନ ସ୍ଥାନରେ ଦୋଳପୂର୍ଣ୍ଣିମା ରାତିରୁ ଆରମ୍ଭ ହୋଇଥିବା ମେଳଣ ଗୁରୁବାର ଶେଷ ହୋଇଛି। ମୁକୁନ୍ଦପୁର ପଞ୍ଚାୟତ ଅଧୀନ କାଳୀମେଘା, ଗୁଆମାଳ ପଞ୍ଚାୟତର ଝାଡ଼ପଟା, ତିହିଡ଼ି ଏବଂ କୋହ୍ଲରେ ଜାକଜମକରେ ଦୋଳ ମେଳଣ ଅନୁଷ୍ଠିତ ହୋଇଥିଲା। ଝାଡ଼ପଟା ମେଳଣରେ ପାରମ୍ପରିକ ବାଦ୍ୟ ସହ ଠାକୁର ସେବକମାନଙ୍କ ନୃତ୍ୟ ଆକର୍ଷଣୀୟ ପାଲଟିଥିବା ବେଳେ କାଳୀମେଘା ଓ ତିହିଡ଼ିରେ କାଦୁଅ ଖେଳ ଜମିଥିଲା।

ଦୋଳ ପୂର୍ଣ୍ଣିମା ରାତିରେ କାଳୀମେଘା ମେଳଣରେ ବିମାନ ସବୁ ବଡିମରା ପଦାଠାରୁ ଶୋଭାଯାତ୍ରାରେ ବାହାରି ମେଳଣ ପଡ଼ିଆରେ ପହଞ୍ଚିଥିଲା। ପରଦିନ ଅପରାହ୍ନରେ ଶ୍ରୀ ଦଧିବାବନଜୀଉ କାଦୁଅ ଖେଳି ଖେଳି ମେଳଣ ପଡ଼ିଆକୁ ପ୍ରବେଶ କରି ମେଳଣ ଭାଙ୍ଗିବାକୁ ନିର୍ଦ୍ଦେଶ ଦେଇଥିଲେ। ମେଳଣ କମିଟିର କାର୍ଯ୍ୟକାରୀ ସଭାପତି ଉମାକଲ୍ୟାଣ ମହାପାତ୍ର, ସମ୍ପାଦକ ଗଣେଶ ପ୍ରସାଦ ନାୟକଙ୍କ ସମେତ କମିଟି କର୍ମକର୍ତ୍ତାମାନେ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ତିହିଡ଼ି ମେଳଣରେ ଶ୍ରୀ ଦଧିବାବନ ଜୀଉ କାଦୁଅ ଖେଳି ଖେଳି ପଡ଼ିଆ ମଧ୍ୟକୁ ପ୍ରବେଶ କରିବା ପରେ ମେଳଣ ଭାଙ୍ଗିଥିଲା। ମେଳଣ କମିଟିର ସଭାପତି ବିଜୟ ନାୟକ, ସମ୍ପାଦକ ସଚିକାନ୍ତ ନାୟକ, କୋଷାଧ୍ୟକ୍ଷ ପ୍ରଭାତ କୁମାର ରାଉଳ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ୧୫୦ ବର୍ଷରେ ପହଞ୍ଚିଥିବା ଝାଡ଼ପଟା ମେଳଣ ମଧ୍ୟ ଦୋଳପୂର୍ଣ୍ଣିମା ରାତିରୁ ଆରମ୍ଭ ହୋଇ ପରଦିନ ଶେଷ ହୋଇଥିଲା। ଢୋଲ, ଝାଞ୍ଜ ସହ ପାରମ୍ପରିକ ବାଦ୍ୟରେ ବିମାନ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପାଣିଭଣ୍ଡାରରୁ ରାଧାମାଧବଜୀଉ ମେଳଣ ପଡ଼ିଆକୁ ପ୍ରବେଶ କରିବା ପରେ ମେଳଣ ଭାଙ୍ଗିଥିଲା। ଝାଡ଼ପଟା ଗ୍ରାମ୍ୟ କମିଟିର ଉପଦେଷ୍ଟା କବି ହୃଦାନନ୍ଦ ପାଣିଗ୍ରାହୀ, ଶିକ୍ଷାବିତ୍ ପ୍ରସନ୍ନ କୁମାର ପାଢ଼ୀ, ଶଶିକାନ୍ତ ମିଶ୍ର, ସୁରେଶ ଚନ୍ଦ୍ର ମହାନ୍ତି, ସଭାପତି ରଘୁନାଥ ମହାନ୍ତି, ସମ୍ପାଦକ ବିଚିତ୍ର କୁମାର ନାୟକ, ସହସମ୍ପାଦକ ଅଶ୍ୱିନୀ ସଙ୍କେତ ପାଢ଼ୀ, ଧୀରେନ୍ଦ୍ର ପାଣିଗ୍ରାହୀ, ମନୋଜ ପାଢ଼ୀ ପ୍ରମୁଖ ମେଳଣ ପରିଚାଳନାରେ ସହଯୋଗ କରିଥିଲେ। କୋହ୍ଲ ଗ୍ରାମର ବଡ଼ଦାଣ୍ଡ ମେଳଣ କମିଟି ସଭାପତି ପ୍ରଦୀପ କୁମାର ସାହୁ, ସମ୍ପାଦକ ବିନୋଦ ବିହାରୀ ସାହୁ ପ୍ରମୁଖ ମେଳଣ ପରିଚାଳନାରେ ସହଯୋଗ କରିଥିଲେ।

### ସରିଲା ଦୋଳ ମେଳଣ

# କର୍ମୀଙ୍କ ସହ ହୋଲି ଖେଳିଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ



ରଙ୍ଗଖେଳ ଅବସରରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଭାଜପା କର୍ମୀ।

ଧୂଷୁରୀ, ୫।୩(ଦୀପ୍ତିରଞ୍ଜନ ନାୟକ)

ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବୁଧବାର ମଧ୍ୟାହ୍ନରେ ଧୂଷୁରୀ ଓ ଏହା ଆଖପାଖ ଅଞ୍ଚଳରେ ଭାଜପା କର୍ମୀମାନଙ୍କ ସହ ହୋଲି ଖେଳିଥିଲେ। ଫଗୁ ଖେଳରେ ହୃଦୟରେ ନିଆରା ଅନୁଭବ ସୃଷ୍ଟି ହୁଏ। ଏହା ପବିତ୍ର ସମ୍ପର୍କକୁ ଆହୁରି ସୁଦୃଢ଼ କରେ ରଙ୍ଗଖେଳ ଅବସରରେ ବୋଲି ମନ୍ତ୍ରୀ କହିଥିଲେ। ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ, ଭାଜପା ନେତା ଚତୁର୍ଭୁଜ ନାୟକ, ଧୂଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ଦଳର ବରିଷ୍ଠ ନେତା ରଞ୍ଜନ କୁମାର ମହାନ୍ତି, କିଶୋର ଦାସ, ରାମନାରାୟଣ ମିଶ୍ର, ଆଇନଜୀବୀ ଅମର ମହାନ୍ତି, ଦୀପ୍ତିରଞ୍ଜନ ଜେନା, ମିଡିଆ ସେଲ୍ ସଂଯୋଜକ ବୈକୁଣ୍ଠ ନାଥ ସାହୁ, ଧୂଷୁରୀ ପ୍ରେସ୍ ୟୁନିୟନ ସଭାପତି ସନ୍ତୋଷ ଦାସ, କୋଷାଧ୍ୟକ୍ଷ ରତିକାନ୍ତ ନାୟକ, ଯୁବ ଉଦ୍ୟୋଗୀ ସନ୍ତୋଷ ସାହୁ, ସିଦ୍ଧାର୍ଥ ଶଙ୍କର ମିଶ୍ର ପ୍ରମୁଖ ରଙ୍ଗଖେଳରେ ସାମିଲ ହୋଇଥିଲେ।

# ବିଜେଡି ପକ୍ଷରୁ ବିଜୁ ଜୟନ୍ତୀ

ବନ୍ତ,୫।୩(ହରିନାରାୟଣ ମହାନ୍ତି)

ବନ୍ତ ବଜାରରେ ବିଜେଡି ପକ୍ଷରୁ ଗୁରୁବାର ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାରମ୍ଭରେ ବନ୍ତ ହାଟସ୍ଥିତ ବିଜୁକଲ୍ୟାଣ ମଣ୍ଡପ ନିକଟରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ଦଳର ବରିଷ୍ଠ ନେତୃତ୍ୱମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ବନ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କୁ ଫଳ ଓ ବିସ୍କୁଟ ବଣ୍ଟନ କରାଯାଇଥିଲା। ବ୍ଲକ ଉପାଧ୍ୟକ୍ଷା ପ୍ରଗତିବାଳା ସ୍ୱାଇଁ, ବ୍ଲକ ବିଜେଡି ସମ୍ପାଦକ ସୁବାସ ଦାସ, ବିଧାୟକ ପ୍ରତିନିଧି ସ୍ମୃତି ରଞ୍ଜନ ସ୍ୱାଇଁ, ନିର୍ବାଚନମଣ୍ଡଳୀ ଯୁବ ସଭାପତି ବିପିନ କୁମାର ନାୟକ, ରାଜ୍ୟ ବିଜୁ ଛାତ୍ର ଜନତା ଦଳର ଉପସଭାପତି ଚିନ୍ମୟ କୁମାର ଦାସ, ସେଣ୍ଠୀରା ପଞ୍ଚାୟତ ବିଜେଡି ସଭାପତି ହୃଷୀକେଶ ପାତ୍ର, ପଧାନପଡ଼ା ସରପଞ୍ଚ ଗଜେନ୍ଦ୍ର ସେଠୀ, ନିଳୋକ ସରପଞ୍ଚ ପ୍ରତିନିଧି ରବୀନ୍ଦ୍ର କୁମାର ସେଠୀ, ପୂର୍ବତନ ସରପଞ୍ଚ ବିଜୟ ବିଶ୍ୱାଳ, ଯୁବନେତା ସେକ୍ ସମୀମ ନୱାଜ, ଆଲୋକ ରାଉତ, ସେକ୍ ଅଜଗର ଅଲ୍ଲୀଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# ବ୍ରାହ୍ମଣଗାଁରେ ୫୨୯ ବର୍ଷର ଦୋଳ ମହୋତ୍ସବ



ବାସୁଦେବପୁର,୫।୩(କାଳିପଦ ରାୟ)

ବାସୁଦେବପୁର ବ୍ଲକର ବ୍ରାହ୍ମଣ ଗାଁଠାରେ ବୁଧବାର ସାର୍ବଜନୀନ ଦୋଳ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥର ୫୨୯ ବର୍ଷରେ ପହଞ୍ଚିଥିବା ଏହି ଦୋଳ ମହୋତ୍ସବରେ ପାରମ୍ପରିକ ବାଦ୍ୟ ନୃତ୍ୟ ଓ ଆତସବାଜିରେ ବିଭିନ୍ନ ଠାକୁର ବାଡ଼ିରୁ ସୁସଜ୍ଜିତ ବିମାନରେ ଭକ୍ତମାନେ ଶ୍ରୀଜୀଉଙ୍କୁ ଶୋଭାଯାତ୍ରାରେ ଆଣିଥିଲେ। ଅବିଭକ୍ତ ବାଲେଶ୍ୱର ଜିଲାର ବ୍ରାହ୍ମଣଗାଁଠାରେ ୧୪୯୭ ମସିହାରେ ଆରମ୍ଭ ହୋଇଥିବା ଏହି ମେଳଣ ମାତ୍ର ୪ଟି ଠାକୁରଙ୍କ ବିମାନରୁ ମେଳଣ ଆରମ୍ଭ ହୋଇଥିଲା। ଜିଲାର ସର୍ବପୁରାତନ ଏହି ମେଳଣରେ ଚଳିତବର୍ଷ ଭଦ୍ରକ ଓ ପଡ଼ୋଶୀ ବାଲେଶ୍ୱର ଜିଲାର ୪୩ ବିମାନ ମେଳଣ ପଡ଼ିଆରେ ବିଜେ କରିଛନ୍ତି। ପ୍ରଶାସନର କଟକଣା ଓ ଦୋଳ କମିଟିର ନିଷ୍ପତ୍ତି ଅନୁସାରେ ବିନା ଡିଜେରେ ପାରମ୍ପରିକ ଘଣ୍ଟ ବାଦ୍ୟ, ଲଉଡ଼ି ନୃତ୍ୟ, କୀର୍ତ୍ତନ କରି ଭକ୍ତମାନେ ଆଡ଼ମ୍ବରରେ ଶ୍ରୀଜୀଉଙ୍କ ବିମାନକୁ ମେଳଣ ମଣ୍ଡପକୁ ଆଣିଥିଲେ। ପ୍ରସନ୍ନ କ୍ଷେମେଶ୍ୱର ମନ୍ଦିରଠାରେ ଶ୍ରୀଜୀଉମାନେ ଅବିର ଲାଗି ହୋଇଥିଲେ। ଏହି ଅବସରରେ ହରି ଓ ହରଙ୍କ ଅପୂର୍ବ ମିଳନରେ ଭକ୍ତମାନେ ବିମୋହିତ ହୋଇଥିଲେ। ଏହାପରେ ମେଳଣ ପୋଖରୀଠାରେ ସମସ୍ତ ବିମାନ ଏକାଠି ହୋଇ ମେଳଣ ମଣ୍ଡପକୁ ବିଜେ କରିଥିଲେ। ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଦୋଳ ମହୋତ୍ସବରେ ସମାଗମ ହୋଇଥିଲେ। ଦୋଳ କମିଟିର ସଭାପତି ଅଧିକାରୀ ନିମାଇଁ ଚରଣ ଦାସ, ସମ୍ପାଦକ ଅରୁଣ ଶତପଥୀ, କୋଷାଧ୍ୟକ୍ଷ ତାପସ କୁମାର ମିଶ୍ର, ଶାନ୍ତି କମିଟି ସଦସ୍ୟ ଓ ବାସୁଦେବପୁର ପୋଲିସ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

# ପୂଜ୍ୟପୂଜା ସଂସଦର ଫଗୁ ମିଳନ

ଭଦ୍ରକ,୫।୩(ସନାତନ ରାଉତ)

ବସନ୍ତ ରାସୋତ୍ସବ ଏକ ମାର୍ମିକ ତଥା ବର୍ଣ୍ଣିଳ ପ୍ରୀତିମୟ ମହୋତ୍ସବ। ଦୋଳ ଯାତ୍ରା ଶ୍ରୀକୃଷ୍ଣଙ୍କର ଗୋପଲୀଳାର ନିଦର୍ଶନ। ରାଧା ଦାମୋଦରଙ୍କ ଗୋପଗୋପୀମାନଙ୍କ ସହ ରଙ୍ଗ ପିଚକାରି ଖେଳ ଶ୍ରୀମଦ୍ ଭାଗବତ ବର୍ଣ୍ଣିତ ରାସଲୀଳାର ସ୍ମୃତି ବହନ କରିଥାଏ ବୋଲି ଭଦ୍ରକ ପୂଜ୍ୟପୂଜା ସଂସଦ ପକ୍ଷରୁ ଆୟୋଜିତ ୪୯ତମ ସାରସ୍ୱତ ଫଗୁ ମିଳନ ଉତ୍ସବରେ ଗବେଷକ ଓ ସାହିତ୍ୟିକମାନେ ମତବ୍ୟକ୍ତ କରିଛନ୍ତି। ଭଦ୍ରକ ସହରର ଭାଗବତ କଲ୍ୟାଣ ମଣ୍ଡପ ପରିସରରେ ବୁଧବାର ଆୟୋଜିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ପ୍ରବଚକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଯୋଗଦେଇ କହିଥିଲେ, ଆମେ ସମସ୍ତେ ମନକୁ ଆଧ୍ୟାତ୍ମିକତା ରଙ୍ଗରେ ରଙ୍ଗିନ କରିବାକୁ ଚାହାଁନ୍ତି। ତେବେ ନିଜ ଭିତରେ ଥିବ ସମସ୍ତ ବିକାରକୁ ବିନାଶ କରିବାକୁ ହେବ। ମୁଖ୍ୟ ଅତିଥି ଭାବେ କଲେଜ ଅଧ୍ୟକ୍ଷ ଯୁଧିଷ୍ଠିର କୁଅଁର କବି ନିଜର ସାଧନା ଓ ଅନୁଭବକୁ ପ୍ରୟୋଗ କରିଥାନ୍ତି ବୋଲି କହିଥିଲେ। ଡ. ଗୋଲକ ବିହାରୀ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଦତ୍ତାତ୍ରେୟ ଦାସ ମଞ୍ଚ ସଞ୍ଚାଳନ କରିଥିବା ବେଳେ ସହସମ୍ପାଦକ ବୈକୁଣ୍ଠ ବିଶ୍ୱାଳ ମଞ୍ଚ ଆହ୍ୱାନ ଓ ସମ୍ପାଦକ ରୂପକ ବିହାରୀ ରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବହୁଭାଷୀ କବି ସମ୍ମିଳନୀରେ ଶତାଧିକ କବି କବିତାପାଠ କରିଥିଲେ। ଋତୁରାଜ ଅକ୍ଷୟ ଓ ଅରୂପାନନ୍ଦ ନାୟକ କବିତା ପାଠୋତ୍ସବ ସଂଯୋଜନା କରିଥିବାବେଳେ କବି ଜଗନ୍ନାଥ ରାଉତ ଧନ୍ୟବାଦ ଦେଇଥିଲେ।

# ‘ବିଜୁ ପଟ୍ଟନାୟକ ସାହସ, ସମ୍ମାନ ଓ ସ୍ୱାଭିମାନର ପ୍ରତୀକ’



ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ କାର୍ଯ୍ୟକ୍ରମରେ ଉପସ୍ଥିତ ବିଜେଡି କର୍ମକର୍ତ୍ତା।

ଭଦ୍ରକ, ୫।୩(ରବିନାରାୟଣ ଖିଲାର)

ଭଦ୍ରକ ଜିଲା ବିଜେଡି କାର୍ଯ୍ୟାଳୟଠାରେ ଗୁରୁବାର ଭଦ୍ରକ ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ଓଡ଼ିଶାର ମହାନ ଜନନାୟକ, ପ୍ରବାଦ ପୁରୁଷ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ କରାଯାଇଛି। ଭଦ୍ରକ ବ୍ଲକ ସଭାପତି ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଜେଡ଼ି ରାଜ୍ୟ ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଯୋଗଦେଇ ବିଜୁ ବାବୁଙ୍କ ଅଦମ୍ୟ ସାହସ, ଦୂରଦର୍ଶୀ ନେତୃତ୍ୱ ଏବଂ ଓଡ଼ିଶାର ଉନ୍ନତି ପାଇଁ ତାଙ୍କ ଅବଦାନକୁ ସ୍ମରଣ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଟାଉନ ସଭାପତି ଏମ୍.ଡି. ଜକାଉଲ୍ଲା, ପାରିଷଦ ଦିଲୀପ ନାୟକ, ପାରିଷଦଙ୍କ ପ୍ରତିନିଧି ପଙ୍କଜ ବଳ, ଗୁଜିଦରଡ଼ା ସରପଞ୍ଚ ଫରହାତ ଆଲମ ଖାନ ଓ କାଉପୁର ସରପଞ୍ଚଙ୍କ ପ୍ରତିନିଧି ମୁକ୍ତିକାନ୍ତ ସାହୁ ଯୋଗ ଦେଇଥିଲେ। ବିଜୁ ପଟ୍ଟନାୟକ କେବଳ ଜଣେ ନେତା ନ ଥିଲେ, ସେ ଓଡ଼ିଶାର ସାହସ, ସମ୍ମାନ ଓ ସ୍ୱାଭିମାନର ପ୍ରତୀକ। ତାଙ୍କ ଆଦର୍ଶ ଓ ସେବାଭାବ ସଦା ନୂଆ ପ୍ରେରଣା ଦେଇ ଆଗକୁ ବଢ଼ିବାର ପଥ ଦେଖାଏ ବୋଲି ସଭାରେ ମତପ୍ରକାଶ ପାଇଥିଲା। ବରିଷ୍ଠ ନେତାମାନଙ୍କ ମଧ୍ୟରେ ସଚ୍ଚିଦାନନ୍ଦ ମହାନ୍ତି, ରଘୁନାଥ ପଣ୍ଡା, ମେହେବୁବ ଖାନ, ବାବୁଲା ରାଉତ, ଅଧିବକ୍ତା ବିଚିତ୍ର ଜେନା, ମୁସ୍ତାକିମ ଖାନ୍, ଟୁନା ପଣ୍ଡା, ଗୋପାଳକୃଷ୍ଣ ଦାସ, ଅଟଳ ବାରିକ, ଲିପୁ ଦାସ, ଉପେନ୍ଦ୍ର ଖିଲାର, ଯୁବନେତା ବିକାଶ ଶ୍ରେଷ୍ଠା, ନାସିରୁଦ୍ଦିନ ଖାନ୍, ଜଳେନ୍ଦ୍ର ମହାନ୍ତି, ଦେବାଶିଷ ଭାରତୀ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଶିକ୍ଷାବିତ୍‌ଙ୍କ ଶ୍ରାଦ୍ଧବାର୍ଷିକୀରେ ପ୍ରତିଭା ସମ୍ବର୍ଦ୍ଧିତ

ଧାମନଗର,୫।୩(ଦେବେନ୍ଦ୍ର ଆଦ୍ଦିଆ)

ଧାମନଗର ବ୍ଲକ କଂଗ୍ରେସର ପୂର୍ବତନ ସଭାପତି, ଆନନ୍ଦପୁର ପଞ୍ଚାୟତର ବିକାଶରେ ପ୍ରମୁଖ ଉଦ୍ୟୋକ୍ତା, ପୂର୍ବତନ ପ୍ରଧାନଶିକ୍ଷକ ସ୍ୱର୍ଗତ ରାମଚନ୍ଦ୍ର ଦାଶଙ୍କ ୩ୟ ବାର୍ଷିକୀ ଶ୍ରାଦ୍ଧଉତ୍ସବ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ରାମଚନ୍ଦ୍ର ଦାଶ ସ୍ମୃତି ସଂସଦ ଆନୁକୂଲ୍ୟରେ ଆନନ୍ଦପୁରସ୍ଥିତ ଜଗନ୍ନାଥ ହାଇସ୍କୁଲ ପଡ଼ିଆ ନିକଟରେ ଥିବା ସ୍ୱର୍ଗତ ଦାଶଙ୍କ ପ୍ରତିମୂର୍ତ୍ତି ନିକଟରେ ଶ୍ରାଦ୍ଧବାର୍ଷିକୀ ପାଳନ କରାଯାଇଥିଲା। ଅବସରପ୍ରାପ୍ତ ଅଧ୍ୟାପକ ଡ. ଦାମୋଦର ବେହେରାଙ୍କ ସଞ୍ଚାଳନାରେ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନାରାୟଣ ଚନ୍ଦ୍ର ଦାଶ, ଦୈତାରି ଦାଶ, ବରିଷ୍ଠ ନାଗରିକ ନିରାକାର ଧଳ, ସଚ୍ଚିକାନ୍ତ ପଣ୍ଡା, ଔପନ୍ୟାସିକ ପ୍ରମୋଦ ମିଶ୍ର, ଦଶରଥ ଦାସ, ବାବାଜୀ ଚରଣ ନାଥ, ବୃନ୍ଦାବନ ମହାନ୍ତି, ବିଜୟ କୁମାର ଦାସ, କୁଳମଣି ବେହେରା, ଆନନ୍ଦପୁର ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ରମେଶ ଚନ୍ଦ୍ର ପତି, ପ୍ରମୋଦ ଆଦ୍ଦିଆ, ଶରତ ଚନ୍ଦ୍ର ମାଝୀ, ତ୍ରିଲୋଚନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସମାଜସେବା ଓ ଅଞ୍ଚଳର ଭିତ୍ତିଭୂମି ବିକାଶ କ୍ଷେତ୍ରରେ ସ୍ୱର୍ଗତ ଦାଶଙ୍କ ଅବଦାନ ସମ୍ପର୍କରେ ସେମାନେ ସ୍ମୃତିଚାରଣ କରିଥିଲେ।

ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସଫଳତା ଓ ସାହସିକତା ପ୍ରଦର୍ଶନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ କଳାକାର ଆନନ୍ଦ ଚନ୍ଦ୍ର ସାହୁ, ସଫଳ ଚାଷୀ ଦାମୋଦର ବେହେରା, ବୈତରଣୀ ନଦୀରୁ ବୁଡ଼ି ଯାଉଥିବା ୨ ବାଳକଙ୍କୁ ଉଦ୍ଧାର କରିଥିବାରୁ ସାହସୀ ଛାତ୍ର ସତ୍ୟପ୍ରକାଶ ସେଠୀ ଓ ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀଧର ପାଗଳଙ୍କୁ ସ୍ମୃତି ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଅଜୟ କୁମାର ଦାସ ଓ ତ୍ରିଲୋଚନ ବେହେରାଙ୍କ ଦ୍ୱାରା ଚାରାରୋପଣ କରାଯାଇ ସମାଜକୁ ପରିବେଶ ସୁରକ୍ଷା ବାର୍ତ୍ତା ଦିଆଯାଇଥିଲା। ସ୍ମୃତି ସଂସଦ ପକ୍ଷରୁ ହିମାଂଶୁ ଦାଶ, ମାନଗୋବିନ୍ଦ ଦାସ, ବାସୁଦେବ ପାଗଳ, ନାରାୟଣ ଚନ୍ଦ୍ର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗାନ୍ଧୀ ବାଳାଶ୍ରମ ଶିକ୍ଷକଙ୍କ ପରଲୋକ

ଭଦ୍ରକ,୫।୩(ସନାତନ ରାଉତ)



ରବିନାରାୟଣ ତିଆଡ଼ି।

ଭଦ୍ରକ ବ୍ଲକ ଗରଦପୁରସ୍ଥିତ ଗାନ୍ଧୀ ବାଳାଶ୍ରମ ମଧ୍ୟ ଇଂରାଜୀ ବିଦ୍ୟାଳୟର ସହକାରୀ ଶିକ୍ଷକ ରବିନାରାୟଣ ତିଆଡ଼ି(୫୭)ଙ୍କର ମଙ୍ଗଳବାର ରାତିରେ ପରଲୋକ ହୋଇଯାଇଛି। ସେ ଦୀର୍ଘ ୩୦ବର୍ଷ ଧରି ଏହି ବିଦ୍ୟାଳୟରେ ଶିକ୍ଷକତା କରିଆସୁଥିଲେ। ସେ ଦୀର୍ଘଦିନ ଧରି ମଧୁମେହ ରୋଗରେ ପୀଡ଼ିତ ଥିଲେ। ମଙ୍ଗଳବାର ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଡାକ୍ତରଖାନା ନିଆଯାଉଥିବା ବେଳେ ତାଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ମରଶରୀରକୁ ଜନ୍ମମାଟି ରମ୍ଭିଳା ଗ୍ରାମକୁ ଅଣାଯାଇ ଗ୍ରାମ ପରିକ୍ରମା କରାଯାଇଥିଲା। ବାଳାଶ୍ରମର ସମ୍ପାଦକ ଅଶୋକ ଦାସ, ଗାନ୍ଧୀ ବାଳାଶ୍ରମ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମୁସ୍ତାକ ଗହ୍ୱର, ମଧ୍ୟଇଂରାଜୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ଧରଣୀଧର ସେଠୀ, ଝରଣା ଦାସ, ତଥାଗତ ଜେନା, ଆଇନଜୀବୀ ବିଶ୍ୱରଞ୍ଜନ ଦାସ, ସୌମ୍ୟରଞ୍ଜନ ଦାସ, ନିରଞ୍ଜନ ନାୟକ, ଚନ୍ଦନ ସାହୁ, ପ୍ରଜ୍ଞାଶ୍ରୀ ଦାସ, ରତିକାନ୍ତ ଦାସ, ହୃଷୀକେଶ ପାଢ଼ୀ, ଅଜୟ ପାଢ଼ୀ, ଅରବିନ୍ଦ ପାଢ଼ୀ, ପ୍ରେମାନନ୍ଦ ପଟ୍ଟନାୟକ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ବୁଧବାର ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପୁତ୍ର ଓମ୍‌କାର ତିଆଡ଼ି ମୁଖାଗ୍ନି ଦେଇଥିଲେ। ତ୍ୟାଗଭୂମିର ସଭାପତି ଅଜୟ ନାୟକ, ମହାତ୍ମା ଗାନ୍ଧୀ ବିଚାର ମଞ୍ଚର ସମ୍ପାଦକ ସୁଧାକର ରାଉତ, ବରିଷ୍ଠ ଶିକ୍ଷାବିତ୍ ଡ. ଗୋଲକ ସାହୁ, ଅବଦୁଲ ମୋକିତ ଖାନ୍, ଗିରିଶ ବିହାରୀ ମିଶ୍ର, ପଦ୍ମନ କୁମାର ରାଏ, ବାଇଧର ପଲେଇ, ଡ. ରେବତୀ ରମଣ ପଣ୍ଡା, ଏସ୍.ଏମ୍. ଫାରୁକ, ଡ. ରାମଚନ୍ଦ୍ର ପଣ୍ଡା, ଉପେନ୍ଦ୍ର ବାରିକ, ହୃଷୀକେଶ ମହାନ୍ତି, ଶାନ୍ତନୁ ରାଉତ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ୨୮ରେ ଓକିଲ ସଂଘ ନିର୍ବାଚନ

ଭଦ୍ରକ,୫।୩(ସନାତନ ରାଉତ)

### ଭୋଟ୍ ଦେବେ ୯୨୫ ଆଇନଜୀବୀ

ରାଜ୍ୟରେ ଆସନ୍ତା ୨୮ ତାରିଖରେ ଓକିଲ ସଂଘ ନିର୍ବାଚନ ଅନୁଷ୍ଠିତ ହେବ। ଭଦ୍ରକ ଓକିଲ ସଂଘ ନିର୍ବାଚନ ପରିଚାଳନା ପାଇଁ ବରିଷ୍ଠ ଆଇନଜୀବୀ ପବନ ଶର୍ମାଙ୍କୁ ନିର୍ବାଚନ ଅଧିକାରୀ ଭାବେ ବାର୍ ଆସୋସିଏଶନ ପକ୍ଷରୁ ମନୋନୀତ କରାଯାଇଛି। ସେହିପରି ଅତିରିକ୍ତ ନିର୍ବାଚନ ଅଧିକାରୀ ଭାବେ ଆଇନଜୀବୀ ନାରାୟଣ ଚନ୍ଦ୍ର ମହାନ୍ତି, ହରିହର ଧଳ, ଜ୍ୟୋତି ରଞ୍ଜନ ବେହୁରା, ଲଲାଟେନ୍ଦୁ ଦୀକ୍ଷିତ, ଅତିଶ କୁମାର ବେହେରା, ସରୋଜ କୁମାର ଦାସ, ଅଞ୍ଜୁବାଳା ରାଉତ, ଅମିତ ବାହେଡି ଓ ଲିପିକା ବାରିକ ମନୋନୀତ ହୋଇଛନ୍ତି। ସନ୍ତୋଷ କୁମାର ନାୟକ ସଂଯୋଜକ ଭାବେ ଦାୟିତ୍ୱ ବହନ କରିବେ। ୭ରୁ ୯ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ଦାଖଲ, ୧୧ରେ ପ୍ରାର୍ଥୀପତ୍ର ଯାଞ୍ଚ, ୧୩ରେ ପ୍ରତ୍ୟାହାର ଓ ୧୪ରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ୨୮ ତାରିଖ ସକାଳ ୭ଟା ୩୦ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ କରାଯିବ। ସେହିଦିନ ଅପରାହ୍ନ ୪ଟାରୁ ଭୋଟ୍ ଗଣତି ଆରମ୍ଭ ହେବ। ଚଳିତବର୍ଷ ୯୨୫ଜଣ ଆଇନଜୀବୀ ମତଦାନ କରିବେ। ଭଦ୍ରକ କଚେରି ବଜାର ପୁରୁଣା ବାର୍ ଆସୋସିଏଶନ ହଲ୍‌ରେ ଭୋଟ୍ ଗ୍ରହଣ କେନ୍ଦ୍ର ହେବ ବୋଲି ନିର୍ବାଚନ ଅଧିକାରୀ ଶର୍ମା ସୂଚନା ଦେଇଛନ୍ତି।

# ଗୋହିରାଟିକିରି ମଠରୁ ଚୋରି

ଧାମନଗର,୫।୩
(ସନ୍ତୋଷ କୁମାର ମହାପାତ୍ର)

ଧାମନଗର ବ୍ଲକ ଅଧୀନ ଐତିହାସିକ ଗୋହିରାଟିକିରି ମଠରୁ ବୁଧବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ମଠରେ ଭିତରେ ପଶି ମଦ ପିଇ ଭଙ୍ଗାରୁଜା କରିବା ସହ ଆସବାବପତ୍ର ଚୋରି କରି ନେଇଛନ୍ତି। ଏନେଇ ମଠର ମା’ ସରସ୍ୱତୀ ଦାସ ଗୁରୁବାର ଧାମନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଦୁର୍ବୃତ୍ତମାନେ ମଠର ସୁରକ୍ଷା ବାଡ଼କୁ ଭାଙ୍ଗିବା ସହ ମୁଖ୍ୟରାସ୍ତାକୁ ଇଟା, ପଥର ରଖି ଅବରୋଧ କରିଛନ୍ତି। ଏହାସହ ମଠରେ ଲାଗିଥିବା ବ୍ୟାନରକୁ ଚିରିବା ସହ ୨ଟି ପ୍ଲାଷ୍ଟିକ ଚେୟାର ନେଇଯାଇଛନ୍ତି। ପ୍ରକାଶଥାଉ କି, ମଠ ଓ ଏହାର ଚତୁଃପାର୍ଶ୍ୱ ଉନ୍ନତୀକରଣ ପାଇଁ ୫ କୋଟି ବ୍ୟୟରେ ଗବେଷଣା କେନ୍ଦ୍ର ଓ ଆର୍ଟ ଗ୍ୟାଲେରି ପ୍ରକଳ୍ପ ନିମନ୍ତେ ୨୦୨୫ ନଭେମ୍ବରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଥିଲା।

# ଧାର୍ଯ୍ୟ ସମୟରେ ସରିବ କାର୍ଯ୍ୟ: ଏମ୍‌ପି

### ୩.୬୨ କୋଟିର ପ୍ରକଳ୍ପ ଶିଳାନ୍ୟାସ

ବାସୁଦେବପୁର,୫।୩
(ନାରାୟଣ ପ୍ରସାଦ ବାରିକ/କାଳିପଦ ରାୟ)



ଶିଳାନ୍ୟାସ କାର୍ଯ୍ୟକ୍ରମରେ ଏମ୍‌ପି ଅଭିମନ୍ୟୁ ସେଠୀ, ବିଧାୟକ ଅଶୋକ କୁମାର ଦାସ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ ଓ ଅନ୍ୟମାନେ।

ବାସୁଦେବପୁର ବ୍ଲକ ବରଣ୍ଡୁଆ ପଞ୍ଚାୟତର ବରଣ୍ଡୁଆପାଳଠାରେ ଜଳ ସମ୍ପଦ ବିଭାଗ ପକ୍ଷରୁ ପ୍ରତାପପୁର, ବିରଞ୍ଚିପୁର ଓ ଚାଲୁଣିଗାଁ ଆଦି ପଞ୍ଚାୟତର ବନ୍ୟାଜଳ ନିଷ୍କାସନ ପାଇଁ ଗମେଇ ନଦୀର ଶାଖା ନାଳର ଉନ୍ନତୀକରଣ ନିମନ୍ତେ ଗୁରୁବାର ଅପରାହ୍ନରେ ଏକ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ମୁଖ୍ୟ ଅତିଥି ଭାବେ ଏମ୍‌ପି ଅଭିମନ୍ୟୁ ସେଠୀ ଯୋଗଦେଇ ୩ କୋଟି ୬୨ ଲକ୍ଷ ୫୩ ହଜାର ୩୩୬ ଟଙ୍କାର ଏହି ପ୍ରକଳ୍ପ ଶିଳାନ୍ୟାସ କରିବା ସହ କାର୍ଯ୍ୟ ଧାର୍ଯ୍ୟ ସମୟ ମଧ୍ୟରେ ଶେଷ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ବରେଣ୍ୟ ଅତିଥି ବିଧାୟକ ଅଶୋକ କୁମାର ଦାସ, ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ଭାଜପା ଉପସଭାପତି ଉଦୟ ନାରାୟଣ ମଲ୍ଲିକ, ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ମଳିକ, କୋଷାଧ୍ୟକ୍ଷ ଜୟ ପ୍ରକାଶ ମଲ୍ଲିକ, ଜଳ ସମ୍ପଦ ଅଧୀକ୍ଷଣ ଯନ୍ତ୍ରୀ ପ୍ରିୟବ୍ରତ ବେହେରା, ସାମାଜିକ କର୍ମୀ ଅଶୋକ କୁମାର ନାୟକ, ପାରିଷଦ ଜଗବନ୍ଧୁ ଦାସ, ସମିତିସଭ୍ୟ ସୁରେନ୍ଦ୍ର ବେଜ, ଆରୁହା ମଣ୍ଡଳ ସଭାପତି ଅମର ନାୟକ, ବିଧାୟକଙ୍କ ପ୍ରତିନିଧି ଅଚ୍ୟୁତାନନ୍ଦ ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବତନ ସରପଞ୍ଚ ସୂର୍ଯ୍ୟକାନ୍ତ ସେଠୀ ମଞ୍ଚ ପରିଚାଳନା କରିଥିଲେ।

## ହୋଲି ପାଳିଲେ ଏମ୍‌ପି, ବିଧାୟକ

**କରଞ୍ଜିଆ,୫।୩ (କବିତା ମହାନ୍ତ)**

କରଞ୍ଜିଆ ପାଞ୍ଚପିଢ ଅଞ୍ଚଳ ହୋଲି ପର୍ବ ପାଇଁ ବୁଧବାର ଉତ୍ସବମୁଖର ହୋଇଉଠିଥିଲା। କରଞ୍ଜିଆ ସହରରେ ପରସ୍ପର ମଧ୍ୟରେ ଶୁଭେଚ୍ଛା ଆଦାନ ପ୍ରଦାନ, ମିଠା ଖୁଆ, ଅବିର ଲଗା ପର୍ବ ପାଳନ ହୋଇଥିଲା। କେନ୍ଦୁଝର ଏମପି ଅନନ୍ତ ନାୟକ ଓ କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବ୍ରୁରୁ କରଞ୍ଜିଆ ଆସି ନିର୍ବାଚନ ମଣ୍ଡଳୀର ଜନ ସାଧାରଣଙ୍କୁ ହୋଲି ପାଇଁ ଶୁଭେଚ୍ଛା ଜଣାଇବା ସହ ସମସ୍ତଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିଛନ୍ତି। ଏଥି ସହ ସେ ସମର୍ଥକଙ୍କ ଗହଣରେ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରୁ ବାହାରି କରଞ୍ଜିଆ ବଜାର ବୁଲି ରାଧାକୃଷ୍ଣଙ୍କ ପୂଜାର୍ଚ୍ଚନା ସହିତ ଦଳୀୟ କର୍ମୀ, ବଞ୍ଛାନିଧି ପୃଷ୍ଟି , ଜନାର୍ଦ୍ଦନ ବେହେରା ଏବଂ ଅନ୍ୟ ନେତା ଏବଂ ଜନସାଧାରଣଙ୍କ ସହ ରଙ୍ଗ ଖେଳିଥିଲେ। ଏମପି ଓ ବିଧାୟକଙ୍କୁ କରଞ୍ଜିଆ ମହୋତ୍ସବ କମିଟିର ଦିବ୍ୟ ପ୍ରସାଦ ସାହୁ, କର୍ଣ୍ଣାର୍ଜ୍ଜୁନ ସାହା, ଉମାଶଙ୍କର ଦାସ ପ୍ରମୁଖ ଭେଟି ହୋଲିର ଶୁଭେଚ୍ଛା ଜଣାଇଥିଲେ। ସେହିପରି ପ୍ରେସ କ୍ଲବ ପକ୍ଷରୁ କର୍ଣ୍ଣାର୍ଜ୍ଜୁନ ସାହା, ତନ୍ମୟ କୁମାର ଦାସ, ଭାଗବତ ଚନ୍ଦ୍ର ଦାସ, ଦୀପକ ମହାନ୍ତ, ଅରୁଣ କୁମାର ବେହେରା ଉଭୟଙ୍କୁ ଭେଟି ଶୁଭେଚ୍ଛା ଜଣାଇଥିଲେ।

# ବିଡିଓଙ୍କ ବଦଳି ଦାବିରେ ଜନ ପ୍ରତିନିଧିଙ୍କ ଧାରଣା



ଧାରଣାରେ ବସିଥିବା ଜନ ପ୍ରତିନିଧିମାନେ।

**ଉଦଳା,୫।୩ (ସନ୍ତୋଷ କୁମାର ବାଛିନୀ)**

କପ୍ତିପଦା ବିଡିଓ ରେସମା ଟେଟେଙ୍କ ବିରୋଧରେ ସ୍ୱର ଉଠାଇଛନ୍ତି ଜନ ପ୍ରତିନିଧି। ଗୁରୁବାର ସମିତି ସଭ୍ୟ, ଜିଲା ପରିଷଦ ସଦସ୍ୟଙ୍କ ସହିତ ବ୍ଲକ ଅଧ୍ୟକ୍ଷ ଧାରଣା ଦେଇଛନ୍ତି। ଯାହା ଫଳରେ ବ୍ଲକରେ କାର୍ଯ୍ୟ ପ୍ରଭାବିତ ହୋଇଛି।

ସୂଚନା ଅନୁଯାୟୀ, କପ୍ତିପଦା ବ୍ଲକ ଅଧୀନରେ ଥିବା ୨୬ଟି ପଞ୍ଚାୟତର ସମିତି ସଭ୍ୟଙ୍କ ସହିତ ଜିଲା ପରିଷଦ ସଦସ୍ୟଙ୍କୁ ବିଡିଓ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ନେଇ କପ୍ତିପଦା ବ୍ଲକ କାର୍ଯ୍ୟାଳୟ ମୁଖ୍ୟ ଫାଟକ ବନ୍ଦ କରି ଜନ ପ୍ରତିନିଧିମାନେ ଧାରଣାରେ ବସିଛନ୍ତି। ଅଭିଯୋଗ ଅନୁସାରେ, ଜନ ପ୍ରତିନିଧିମାନେ କୌଣସି ଅଭିଯୋଗ ନେଇ ବିଡିଓଙ୍କ ନିକଟକୁ ଯାଉଥିବା ବେଳେ ସବୁବେଳେ କାର୍ଯ୍ୟ ବ୍ୟସ୍ତତା ଦେଖାଇ ବିଡିଓ ତାହା ଶୁଣିବା ପରିବର୍ତ୍ତେ ଏଡାଇ ଯାଆନ୍ତି। ବିଶେଷ କରି ଉନ୍ନୟନ କାମରେ ବିଡିଓ ବାଧା ସୃଷ୍ଟି କରୁଥିବା ନେଇ ଜିଲାପାଳ, ଉପଜିଲାପାଳଙ୍କ ନିକଟରେ ଅଭିଯୋଗ ପରେ ତାହା କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିବା ବେଳେ ତାହାକୁ ମଧ୍ୟ ବିଡିଓ ମାନୁ ନ ଥିବା ଅଭିଯୋଗ ହୋଇଛି। ଯେଉଁଥି ପାଇଁ ବ୍ଲକ ଅଞ୍ଚଳ ରେ ଉନ୍ନୟନ କାମରେ ବାଧକ ସାଜିଥିବା ବିଡ଼ିଓ ଙ୍କୁ ତୁରନ୍ତ ବଦଳି ଦାବିରେ ବ୍ଲକ ସମ୍ମୁଖରେ ଧାରଣାରେ ବସିଛନ୍ତି ଜନ ପ୍ରତିନିଧି। ଏହି ଧାରଣାରେ ବ୍ଲକ ଚେୟାରମ୍ୟାନ କାହ୍ନୁଚରଣ ସୋରେନ, ୪ ନମ୍ବର ଜୋନ ଜିଲା ପରିଷଦ ସଦସ୍ୟ ମାକୁ ସିଂ, ସମିତି ସଭ୍ୟ ଶିବ ପ୍ରସାଦ ସିଂ, ନାଗୁରି ସିଂ, ଚନ୍ଦନ କୁମାର ପ୍ରଧାନ, ବୀଣା ରାଉତ, ଦିଲ୍ଲୀପ କୁମାର ସାହୁ, ମାଦେ ସିଂ, ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ସମେତ ସମସ୍ତ ପଞ୍ଚାୟତର ସମିତି ସଭ୍ୟ ଉପସ୍ଥିତ ରହିଥିଲେ। ତେବେ ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଏବଂ ଭିତ୍ତିହୀନ ବୋଲି ବିଡିଓ ଟେଟେ କହିଛନ୍ତି। ଧାରଣାସ୍ଥଳରେ ଉପଜିଲାପାଳ ସୁଶାନ୍ତ କୁମାର ବାରିକ ପହଞ୍ଚି ଆଲୋଚନା କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳି ପାରି ନାହିଁ।

## ଦୁର୍ଘଟଣାରେ ଜଣେ ମୃତ, ୨ ଗୁରୁତର

**ଉଦଳା,୫।୩ (ସନ୍ତୋଷ କୁମାର ବାଛିନୀ)**

ଉଦଳା ଥାନା କୁକୁରଡିମା ଛକ ନିକଟରେ ବାଇକ୍ ଓ ସ୍କୁଟି ମୁହାଁମୁହିଁ ହେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ୨ ଜଣ ଗୁରୁତର ହୋଇଛନ୍ତି। ବୁଧବାର ଅପରାହ୍ନ ୨ଟାରେ ଉଦଳାରୁ ନୁଦଡିହା ଅଭିମୁଖେ ଏକ ସ୍କୁଟିରେ ଉଦଳା ଅଞ୍ଚଳର କ୍ଷୀରୋଦ କୁମାର ବେହେରା ଯାଉଥିଲେ। ବିପରୀତ ଦିଗରୁ ଏକ ବାଇକ୍‌ରେ ୨ ଯୁବକ ଆସୁଥିବା ବେଳେ ଦୁର୍ଘଟଣା ଘଟିଥିଲା। ସ୍ଥାନୀୟ ଲୋକେ ୩ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଉଦଳା ମେଡିକାଲରେ ଭର୍ତ୍ତି କରିଥିବା ବେଳେ କ୍ଷୀରୋଦଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ୨ ଯୁବକ ସର୍ବଣାଘାଟି ଅଞ୍ଚଳର ରାକେଶ ବିଶ୍ୱାଳ ଏବଂ ଉଦଳା ଏନ୍ଏସି ୨ ନମ୍ବର ୱାର୍ଡର ଉତ୍ତମ ବିଶ୍ୱାଳଙ୍କ ଅବସ୍ଥା ଶଙ୍କଟାପନ୍ନ ଥିବା ଜଣାପଡ଼ିଛି। ପୋଲିସ ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ ଜାରି ରଖିଛି।

## ଜଳୁଛି ସଂରକ୍ଷିତ ଜଙ୍ଗଲ


ନିଆଁ ଲାଗି ଜଳୁଥିବା ଜଙ୍ଗଲ।

**ଉଦଳା,୫।୩ (ସନ୍ତୋଷ କୁମାର ବାଛିନୀ)**

ଗ୍ରୀଷ୍ମ ପ୍ରବାହ ଆରମ୍ଭ ହେଉଣୁ ଜଙ୍ଗଲ ନିଆଁ ଚିନ୍ତା ବଢ଼ାଇଲାଣି। କପ୍ତିପଦା ବନାଞ୍ଚଳରେ ଥିବା ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ଲାଗିଛି ନିଆଁ। ହୁ ହୁ ହୋଇ ଜଳୁଛି ଜଙ୍ଗଲ। ଏହି ନିଆଁ ଏବେ ବେକାବୁ ହୋଇପଡ଼ିଛି। ଯାହା ଫଳରେ ତାକୁ ଆୟତ୍ତ କରିବା କଷ୍ଟକର ପାଲଟିଛି। ବୁଧବାର ସକାଳ ସମୟରୁ କପ୍ତିପଦା ବନାଞ୍ଚଳ ଅଧୀନ ବାଘମୁଣ୍ଡା ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗିଛି। ଯାହାକି ଧୀରେ ଧୀରେ ଜଙ୍ଗଲ ପରେ ଜଙ୍ଗଲ ଡେଇଁବାରେ ଲାଗିଛି। ଏହା ସହିତ ଶାଣଦେଇ ଏବଂ କଟୁରିଆ ସଂରକ୍ଷିତ ଜଙ୍ଗଲରେ ମଧ୍ୟ ନିଆଁ ଲାଗିଛି। ନିଆଁ ଲାଗି ଜଙ୍ଗଲରେ ଥିବା ଔଷଧୀୟ ଗୁଳ୍ମ ଏବଂ ଛୋଟ ବଡ଼ ଗଛ ଜଳି ନଷ୍ଟ ହୋଇଯାଇଛି। କେବଳ ସେତିକି ନୁହେଁ ନିଆଁ ବ୍ୟାପକ ରୂପ ଧାରଣ କରିଥିବାରୁ ଏହା ଜନ ବସତିକୁ ବ୍ୟାପିବାର ସମ୍ଭାବନା ରହିଛି। ତେବେ ବାଘ ମୁଣ୍ଡା ଜଙ୍ଗଲରେ ୨୪ ଘଣ୍ଟାରୁ ଅଧିକ ସମୟ ହେବ ନିଆଁ ଲାଗିଥିବା ବେଳେ ବନ ବିଭାଗ ଜଙ୍ଗଲରେ ପହଞ୍ଚି ନାହିଁ। ଏନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ବିଭିନ୍ନ ଜଙ୍ଗଲରେ ନିଆଁ ଲାଗିଥିବାରୁ ସମସ୍ତ ସ୍ଥାନରେ ପହଞ୍ଚି ନିଆଁକୁ ଆୟତ୍ତ କରିବା କଷ୍ଟକର ହେଉଛି ବୋଲି ବନ ବିଭାଗ କହିଛି।

## ରାଧାମାଧବ ଜୀଉଙ୍କ ପ୍ରତିଷ୍ଠା ଉତ୍ସବ

**ଝାରପୋଖରିଆ,୫।୩ (ସୁଧୀର କୁମାର ମହାନ୍ତି)**

ଝାରପୋଖରିଆ ଥାନା ଅଧୀନ ଜାଲଦା ଗ୍ରାମରେ ପୂଜା ପାଇଆସୁଥିବା ରାଧାମାଧବ ଜୀଉଙ୍କ ଅଷ୍ଟମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ବୁଧବାର ଶତାଧିକ ଭକ୍ତଙ୍କ ଗହଣରେ ସମାପନ ହୋଇଯାଇଛି। ପୂଜକ ସୁମନ୍ତ ପଣ୍ଡାଙ୍କ ପୂଜା କର୍ମଣରେ ପୁରୋହିତ ଦେଉଳରେ ରାଧାମାଧବ ଜୀଉଙ୍କୁ ପଞ୍ଚାମୃତରେ ଶୁଦ୍ଧସ୍ନାନ କରାଇବାପରେ ନିହାର ରଞ୍ଜନ ଘୋଷଙ୍କ ସଙ୍କଳ୍ପ ତଥା ତାଙ୍କ ସହଧର୍ମିଣୀ ବନମାଳୀ ଘୋଷ ରାଧାମାଧବ ଜୀଉଙ୍କୁ ନବବସ୍ତ୍ର ପରିଧାନ କରି ଚନ୍ଦନ ପୁଷ୍ପ ଦେଇ ସୁସଜ୍ଜିତ କରିଥିଲେ। ପରେ ପୂଜକ ସୁମନ୍ତ ପଣ୍ଡା ଦିଅଁଙ୍କୁ ପୂଜାର୍ଚ୍ଚନା କରିଥିଲେ। ପୂଜା କର୍ମ ପରେ ରାଧାମାଧବ ଜିଉଙ୍କ ଚଳନ୍ତି ପ୍ରତିମାକୁ ଦେଉଳରୁ ବାହାର କରି ରଥାରୂଢ଼ କରାଯାଇଥିଲା। ଶଙ୍ଖ ହୁଳହୁଳି ଓ ସଂକୀର୍ତ୍ତନମଣ୍ଡଳୀ ସହ ପ୍ରଭୁଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା। ଗ୍ରାମ ପରିକ୍ରମା ପରେ ରାଧାମାଧବଙ୍କ ପ୍ରତିମାକୁ ଆଣି ମନ୍ଦିରରେ ପ୍ରବେଶ କରାଇ ସିଂହାସନରେ ବିରାଜମାନ କରାଯାଇଥିଲା। ପୂଜକ ହୋମ ଯଜ୍ଞାଦି କରି ପ୍ରତିଷ୍ଠା ଦିବସର ପୂର୍ଣ୍ଣାହୁତି କରିଥିଲେ। ଉକ୍ତ ମାଙ୍ଗଳିକ ଧାର୍ମିକ କାର୍ଯ୍ୟକ୍ରମରେ ଦିନତମାମ ଦିଅଁଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଗହଳି ଲାଗି ରହିଥିଲା। ପ୍ରତିଷ୍ଠାତା ନିହାର ରଞ୍ଜନ ଘୋଷଙ୍କ ପରିବାର ପକ୍ଷରୁ ସମସ୍ତ ଭକ୍ତଙ୍କ ନିମନ୍ତେ ପ୍ରଭୁଙ୍କ ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଥିଲା।

## ସିନ୍ଦୂରଗୌରାରେ ହୋଲି ମହୋତ୍ସବ


ମହିଳାମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।

**ବାରିପଦା,୫।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ଶ୍ୟାମାଖୁଣ୍ଟା ବ୍ଲକ ଅଧୀନ ସିନ୍ଦୂରଗୌରା କେନ୍ଦୁସାହିଠାରେ ୧୭ତମ ହୋଲି ମହୋତ୍ସବ ୩ ଦିନ ଧରି ଆନନ୍ଦଉଲ୍ଲାସର ସହିତ ପାଳିତ ହୋଇଯାଇଛି। ଏହି ଅବସରରେ ସୋମବାର ୧୦୮ ଘଟ ଉତ୍ତୋଳନ କରି କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ, ବାରିପଦା ଉପଜିଲାପାଳ ଡ. ଦୟାସିନ୍ଧୁ ପରିଡା, ଅତିରିକ୍ତ ତହସିଲଦାର ଜଗନ୍ନାଥ ବେହେରା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରୀୟ ବିଦ୍ୟାଳୟ ନଂ.୧ ବାରିପଦାର ପଦାର୍ଥ ବିଜ୍ଞାନ ବିଭାଗ ଅଧ୍ୟାପକ ଦେବଜିତ ପୃଷ୍ଟି, ଶିକ୍ଷକ ଲାଲମୋହନ ମହାନ୍ତ ଉପସ୍ଥିତ ଥିଲେ। ପରଦିନ ଅଷ୍ଟପ୍ରହର ଅଖଣ୍ଡ ହରିନାମଯଜ୍ଞ ଆରମ୍ଭ ହୋଇଥିଲା। ସନ୍ଧ୍ୟାରେ ଅନେକ ବିଶିଷ୍ଟ ବ୍ୟକ୍ତି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିଲେ। ଏମ୍‌ପିକେ ମହିଳା ଉଚ୍ଚ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଡ. ଭକ୍ତହରି ମହାନ୍ତ, ସରକାରୀ ଟିଟିଆଇର ଅଧ୍ୟାପକ ହରିଭକ୍ତ ମହାନ୍ତ, ଏଲ.ଏମ.ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ମହାନ୍ତ, ସାମାଜିକ କର୍ମୀ ଚିତ୍ତରଞ୍ଜନ ମହାନ୍ତ, ନାଏବ ସରପଞ୍ଚ ପ୍ରତିଭା ମହାନ୍ତ, ପୂର୍ବତନ ସରପଞ୍ଚ ଗୌର ସିଂହ ଓ ସିନ୍ଦୁରଗୌରା ପିଏସ ବିଦେଶୀ ସିଂହ ପ୍ରମୁଖ ଉପସ୍ଥିତ ରହି କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ। ବୁଧବାର ଦଧି ମହୋତ୍ସବ ଓ ୧୦୮ କଳସ ବିସର୍ଜନ ପଦଯାତ୍ରା ହୋଇଥିଲା। ଶେଷ ଦିନରେ ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ଯୋଗ ଦେଇଥିଲେ। ବାରିପଦା ସଦର ଆଇଆଇସି ଆଦିତ୍ୟ ଜେନା ଏବଂ ଏଏସଆଇ ଜିତେନ୍ଦ୍ର ଜେନାଙ୍କ ନେତୃତ୍ୱରେ ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ସମସ୍ତ ପଦକ୍ଷେପ ଗ୍ରହଣ କରଯାଇଥିଲା।

## ସରିଲା ବାହାନଡ଼ା ହୋଲି ମହୋତ୍ସବ

**ବେତନଟୀ, ୫।୩ (ଧରଣୀଧର ମହାନ୍ତି)**

ବେତନଟୀ ବାହାନଡ଼ା ରାଧାକୃଷ୍ଣ ହୋଲି କମିଟି ପକ୍ଷରୁ ସପ୍ତମ ବାର୍ଷିକ ହୋଲି ମହୋତ୍ସବ ଧୁମଧାମରେ ଇନଡୋର ବ୍ୟାଡ୍‌ମିଣ୍ଟନ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ୩ ଦିନ ଧରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଭୁ ରାଧାକୃଷ୍ଣଙ୍କ ଗ୍ରାମ ଭ୍ରମଣ ଓ ମେଳଣ କାର୍ଯ୍ୟକ୍ରମ ସହିତ ବିଭିନ୍ନ ପ୍ରକାର ଖେଳ, ପ୍ରତିଯୋଗିତା, ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଶେଷ କରି ୨ତାରିଖ ଅପରାହ୍ନରେ ଦୌଡ଼, ସ୍ଲୋ ସାଇକେଲ, ମ୍ୟୁଜିକ ଚେୟାର ଭଳି ପ୍ରତିଯୋଗିତା ହୋଇଥିବା ବେଳେ ୩ ତାରିଖରେ ବେଲୁନ ଫୁଙ୍କା, କୁଇଜ, ଆର୍ଟ, ମାଇଣ୍ଡ ଗେମ, ଫୁଟବଲ ବାଲାନ୍ସ ଇତ୍ୟାଦି ଖେଳ, ଅପରାହ୍ନରେ ମେହେନ୍ଦି, ଝୋଟି, ଆମ ଶ୍ରୀମତୀ ସବୁ ଜାଣନ୍ତି ପ୍ରତିଯୋଗିତା ସହିତ ପ୍ରଭୁ ରାଧା କୃଷ୍ଣଙ୍କୁ ଗ୍ରାମ ଭ୍ରମଣ ମେଳଣ, ପ୍ରସାଦ ସେବନ ଓ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରାଯାଇଥିଲା। ୪ ତାରିଖରେ ବେଲ ପଣା ବଣ୍ଟନ, ଅପରାହ୍ନରେ ଖିରି ଭୋଗ ବଣ୍ଟନ ସହିତ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ, ସିଙ୍ଗେଲ ଡ୍ୟାନ୍ସ, ଡବଲ ଡ୍ୟାନ୍ସ ଇତ୍ୟାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବେତନଟୀ କଲେଜ ପୂର୍ବତନ ଅଧ୍ୟକ୍ଷା ସଂଯୁକ୍ତା ଜି, ସମ୍ମାନୀୟ ଅତିଥି ଭାବେ ଗ୍ରାମର ବରିଷ୍ଠ ଘାସିରାମ ସାହୁ, କମିଟିର ସଭାପତି ତପନ ନାୟକ, କମିଟି ସମ୍ପାଦକ ତଥା ଭାଜପା ମଣ୍ଡଳ ଉପସଭାପତି ନିରଞ୍ଜନ ମହାନ୍ତି ଯୋଗଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଜ୍ଞାନରଞ୍ଜନ ବେହେରା, ଅଳୟ ପ୍ରଧାନ, ସଞ୍ଜୟ ବେହେରା, ଖଗେନ୍ଦ୍ର ସାହୁ, ରଣଜିତ ପ୍ରଧାନ, ସୁଧାଂଶୁ ସାହୁ, ବିଜୟ ପ୍ରଧାନ, ଦିଲ୍ଲୀପ ପ୍ରଧାନ, ସମେତ ସମସ୍ତ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

## ମଣ୍ଡଳ କାରାଗାରରେ ପାୱାର ଚଷମା ବଣ୍ଟନ

**ବାରିପଦା, ୫।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ବାରିପଦା ରୋଟାରୀ କ୍ଲବ ଆନୁକୂଲ୍ୟରେ ମଣ୍ଡଳ କାରାଗାରରେ ଅନ୍ତେବାସୀମାନଙ୍କୁ ଚଷମା ପ୍ରଦାନ କରାଯାଇଛି। ଚକ୍ଷୁ ଚିକିତ୍ସା ଶିବିରରେ ୪୧ ଜଣଙ୍କ ପାଇଁ ପାୱାର ଚଷମାର ଆବଶ୍ୟକତା ଥିବା ନେଇ ଚକ୍ଷୁ ବିଶେଷଜ୍ଞମାନେ କମ୍ପ୍ୟୁଟର ପରୀକ୍ଷା ମାଧ୍ୟମରେ ପରୀକ୍ଷାନୀରିକ୍ଷା କରିଥିଲେ। ତଦନୁଯାୟୀ କ୍ଲବ ଆନୁକୂଲ୍ୟରେ ଚଷମା ତିଆରି କରି ସମସ୍ତ ଚକ୍ଷୁ ରୋଗୀ ଅନ୍ତେବାସୀଙ୍କୁ ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କାରାଗାରର ବରିଷ୍ଠ ଅଧୀକ୍ଷକ ମନୋରଞ୍ଜନ ପ୍ରତିହାରୀ, କାରାପାଳ ଶଶିକାନ୍ତ ମାହାଳିକ, କ୍ଲବ ସଭାପତି ଭବାନୀ ଶଙ୍କର ସାହୁ, ସମ୍ପାଦକ ତିମିର କୁମାର ଘୋଷ, ପୂର୍ବତନ ସଭାପତି ରବିନାରାୟଣ ମହାପାତ୍ର, ସୁନୀତ ପୁରୀ ଓ ଡ. ପୁଷ୍ପା ପାତ୍ର ଏବଂ ରୋଟାରିଆନ ଧରିତ୍ରୀ ପ୍ରହରାଜଙ୍କ ସହିତ ଦୁଇଜଣ ଅତିଥି ଆଶିଷ କୁମାର ବସା ଓ ରୋହିତ କୁମାର ରାଉଳ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମର ପ୍ରକଳ୍ପ ଅଧ୍ୟକ୍ଷ ସନ୍ଦୀପ କୁମାର ଚାନ୍ଦ ବାରିପଦା ରୋଟାରୀ କ୍ଲବର ସଦସ୍ୟମାନଙ୍କ ସହାୟତାରେ କାର୍ଯ୍ୟକ୍ରମଟିକୁ ସଫଳତାର ସହିତ ରୂପାୟିତ କରିଥିଲେ।

## ଗୋରୁ ବୋଝେଇ ଗାଡ଼ି ଜବତ

**ବୈଶିଙ୍ଗା,୫।୩(ରତନ ଦାଶ)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ପୋଲିସ ଚଢ଼ାଉ କରି ଅମାନୁଷିକ ଭାବରେ ଏକ ଭ୍ୟାନ ଭିତରେ ଭର୍ତ୍ତି କରାଯାଇ ଚୋରାରେ ପଶ୍ଚିମବଙ୍ଗ ଚାଲାଣ କରାଯାଉଥିବା ଗାଈ ଓ ଷଣ୍ଢ ଉଦ୍ଧାର କରିଛି।

ସୂଚନା ମୁତାବକ, ଗୁରୁବାର ଭୋର ୪ଟା ସମୟରେ ପୋଲିସ ପାଟ୍ରୋଲିଂ ଟିମ୍‌କୁ ଏକ ଭ୍ୟାନରେ ଗୋଚାଲାଣ ହେଉଥିବା ସୂଚନା ମିଳିଥିଲା। ସେହି ତଥ୍ୟ ଆଧାରରେ ବୈଶିଙ୍ଗା-ରୂପ୍‌ସା ରାସ୍ତାରେ ପୋଲିସ ଛକି ରହିଥିଲା। ତେବେ ପୋଲିସକୁ ଚକମା ଦେଇ ଗୋରୁ ବୋଝେଇ ଭ୍ୟାନ ରାସ୍ତା ବଦଳାଇ ମୟୂରଭଞ୍ଜ-ବାଲେଶ୍ୱର ଜିଲାର ସୀମାନ୍ତରେ ଥିବା ଗୋବିନ୍ଦରାୟପୁର ଗ୍ରାମସ୍ଥିତ ଅଭିଯୁକ୍ତ ନିଜ ଘର ବାଡ଼ିରେ ନେଇ ଗାଡ଼ି ରଖି ଫେରାର ହୋଇଯାଇଥିଲେ। ଭ୍ୟାନକୁ ପିଛା କରି ପୋଲିସ ଏସ୍ଆଇ ପ୍ରଦୀପ କୁମାର ଦେଙ୍କ ନେତୃତ୍ୱରେ ପୋଲିସ ଟିମ୍ ପହଞ୍ଚି ୬ଟି ଗାଇ ଓ ୩ଟି ଷଣ୍ଢ ଉଦ୍ଧାର କରି ବାମପଦାସ୍ଥିତ ମା' ଭାରତୀ ଗୋସେବା କେନ୍ଦ୍ରକୁ ହସ୍ତାନ୍ତର କରିଥିଲେ। ଗୋଚାଲାଣ କାର୍ଯ୍ୟରେ ବ୍ୟବହୃତ ଭ୍ୟାନକୁ ଜବତ କରି ଥାନାକୁ ନେଇ ଆସିଥିଲେ। ଏନେଇ ପୋଲିସ ଏକ ମାମଲା(ନଂ.୧୦୮/୨୬) ରୁଜୁ କରି ତଦନ୍ତ ଜାରି ରଖିଛି।

## ଜଳିଗଲା ସ୍କୁଟି

**ଉଦଳା,୫।୩ (ସନ୍ତୋଷ କୁମାର ବାଛିନୀ)**

ଉଦଳା ଥାନା ଛକ ନିକଟରେ ଗୁରୁବାର ସକାଳ ୭ଟାରେ ଏକ ସ୍କୁଟି ଜଳିଯାଇଥିବା ବେଳେ ଏହାର ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁଯାୟୀ, ପଞ୍ଚାନନ ଦାସ ତାଙ୍କ ସ୍କୁଟିରେ ଉଦଳା ସବ୍ ଜଜ୍‌ଙ୍କ ଘରକୁ ଆସିଥିଲେ। ସବ୍ ଜଜ୍‌ଙ୍କ ଘର ଗେଟ ବାହାରେ ସ୍କୁଟି ରଖି ଘର ଭିତରକୁ ଯାଇଥିବା ବେଳେ କିଛି ସମୟ ପରେ ଅଚାନକ ସ୍କୁଟିରେ ନିଆଁ ଲାଗି ଯାଇଥିଲା।

## ମାସିକ ସନ୍ଥ ଦିବସ

**ବାରିପଦା,୫।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ସଭାବନା ସମିତି ପକ୍ଷରୁ ସ୍ଥାନୀୟ ଗୋପବନ୍ଧୁ ଭବନଠାରେ ୫୬୧ତମ ମାସିକ ସନ୍ଥ ଦିବସ ପାଳିତ ହୋଇଛି। ସଦସ୍ୟ ସନ୍ଦୀପ କୁମାର ଚାନ୍ଦଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଶ୍ରୀଚୈତନ୍ୟଙ୍କ ବାଣୀ ନିଶ୍ୱାସକୁ ବିଶ୍ୱାସ ନ କରି ନାମାଶ୍ରୟୀ କର୍ମଲୋକରେ ଯାତନାର ଜତୁଗୃହରେ ଥାଇବି ଭୂମିରେ ଭୂମା ପ୍ରସଙ୍ଗ ରଖାଯାଇଥିଲା। ସମିତିର ପ୍ରତିଷ୍ଠାତା ଧର୍ମରତ୍ନ ପୂର୍ଣ୍ଣଚନ୍ଦ୍ର ବୁରୁଡେଇ ଉପସ୍ଥିତ ରହି ଯାହାର ଜୀବନ ଧର୍ମରୁ ଅଗାଡି ବାଛିବା ସମ ସେ ଖଳ ମଣିଷଠାରୁ ଦୂରରେ ରହି ଭୂମିରେ ଭୂମା ବକ୍ତବ୍ୟ ରଖିଥିଲେ। ଆଲୋଚନାରେ ଡ. ବିଜୟ କୁମାର ଅଗରୱାଲା, ପଣ୍ଡିତ ଭାଗବତ ପଣ୍ଡା, ଗାୟତ୍ରୀ ପରିବାରର ଗଗନ ବିହାରୀ ବେହେରା, ସତ୍ୟସାଇ ସେବା ସଂସ୍ଥାନର ପଞ୍ଚାନନ ବେହେରା, ଡ. କୁଞ୍ଜବନ ପୃଷ୍ଟି, ଅଧ୍ୟାପକ ସୁନୀଲ କୁମାର ଜେନା, ଅଶୋକ କୁମାର ପଲେଇ, ସନ୍ଧ୍ୟାରାଣୀ ପଣ୍ଡା, ସୁଶାନ୍ତ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ।

## ଚୈତ୍ରପର୍ବ-୨୦୨୬ ପାଳନ ନେଇ ପ୍ରସ୍ତୁତି


ବୈଠକରେ ଉପସ୍ଥିତ ଅଧିକାରୀମାନେ।

**ବାରିପଦା,୫।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ଚଳିତ ବର୍ଷ ଚୈତ୍ର ପର୍ବ ପାଳନ ନିମନ୍ତେ ମୟୂରଭଞ୍ଜ ଜିଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାଏକଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ଉପ ଜିଲାପାଳ ଡ. ଦୟାସିନ୍ଧୁ ପରିଡ଼ା, ଉପଖଣ୍ଡ ପୋଲିସ ଅଧିକାରୀ ପ୍ରଭାତ କୁମାର ମଲ୍ଲିକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର କୁମାର ମୁନ୍ଦୁୟା, ଜିଲା ସଂସ୍କୃତି ଅଧିକାରୀ ଡ. ଶୁଭାଶିଷ ନାୟକଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଉତ୍ତର ସାହି ଓ ଦକ୍ଷିଣ ସାହି ଛଉ ନୃତ୍ୟ ପ୍ରତିଷ୍ଠାନର କର୍ମକର୍ତ୍ତା ଆସି ଚୈତ୍ର ପର୍ବକୁ ଅଧିକ ଲୋକାଭିମୁଖୀ ତଥା ସଫଳତାର ସହ ଆୟୋଜନ କରିବା ପାଇଁ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ସେହିପରି ପର୍ବ ପାଳନ ସମୟରେ ସମସ୍ତ ବ୍ୟବସ୍ଥା ସୂଚାରୁ ରୂପେ ସମ୍ପାଦନ କରିବା ପାଇଁ ବିଭିନ୍ନ ଦିଗରେ ପ୍ରାଥମିକତା ଦିଆଯାଇଥିଲା। ଚୈତ୍ର ପର୍ବ ଅବସରରେ ପାରମ୍ପରିକ ନୃତ୍ୟ, ଲୋକ ନୃତ୍ୟ, ଶାସ୍ତ୍ରୀୟ ନୃତ୍ୟ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯିବ। ଜିଲାର ପ୍ରତିଭାଶାଳୀ କଳାକାରମାନଙ୍କୁ ମଞ୍ଚ ପ୍ରଦାନ କରି ସ୍ଥାନୀୟ ସଂସ୍କୃତିକୁ ପ୍ରୋତ୍ସାହନ ଦେବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକର ଶେଷରେ ଆସନ୍ତା ଚୈତ୍ର ପର୍ବକୁ ଜିଲାର ଏକ ସଫଳ ଓ ସ୍ମରଣୀୟ ଆୟୋଜନ ଭାବେ ପାଳନ କରିବାକୁ ସମସ୍ତେ ସଙ୍କଳ୍ପବଦ୍ଧ ହୋଇଥିଲେ।

# ମୃତଦେହ ରଖି ରାସ୍ତାରୋକୋ


ଲୋକେ ରାସ୍ତାରୋକୋ କରିଛନ୍ତି।

**ଠାକୁରମୁଣ୍ଡା,୫।୩ (ତାରାକାନ୍ତ ପଟ୍ଟନାୟକ)**

### ଗଛ ପଡ଼ି ଗଛ କଟାଳିଙ୍କ ମୃତ୍ୟୁ

ଠାକୁରମୁଣ୍ଡା ବ୍ଲକ୍ ଅଧୀନ ମହୁଲଡ଼ିହା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିବା ଗଛ କାଟୁଥିବା ବେଳେ ଚାପି ହୋଇ ଗଛକଟାଳି କୋଇଲିପାଳ ଗ୍ରାମର ରାଜୁ କାଣ୍ଡିୟାଙ୍ଗଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବା ଦାବିରେ ପରିବାର ଓ ସ୍ଥାନୀୟ ଲୋକେ ମୃତଦେହ ରଖି ଠାକୁରମୁଣ୍ଡା-ଆନନ୍ଦପୁର ରାସ୍ତାକୁ ୫ ଘଣ୍ଟା ଧରି ଅବରୋଧ କରିଥିଲେ। ଖବରପାଇ ମହୁଲଡ଼ିହା ଥାନା ପୋଲିସ ପହଞ୍ଚି ବୁଝାଶୁଝା କରିଥିଲା। ପରେ କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବୁରୁ, ତହସିଲଦାର ସମ୍ମିତ କୁମାର କର, ଉପଖଣ୍ଡ ପୋଲିସ ଅଧିକାରୀ ନବକୃଷ୍ଣ ନାୟକ ଘଟଣାସ୍ଥଳରେ ପହଞ୍ଚି ଆଲୋଚନା କରିବା ପରେ ଆନ୍ଦୋଳନକାରୀମାନେ ରାସ୍ତାରୋକୋରୁ ହଟିଥିଲେ। ସୂଚନାଯୋଗ୍ୟ, ମଙ୍ଗଳବାର ଗଛ କାଟୁଥିବାବେଳେ ଗଛ ତଳେ ଚାପି ହୋଇ ରାଜୁ ଗୁରୁତର ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ଘଷିପୁରା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରା ଯାଇଥିଲା। ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁପରେ ପରିବାର ଓ ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଥିଲେ।

# ଜଳୁଛି ସ୍ୱର୍ଣ୍ଣଚୂଡ଼

## ୩ ଦିନ ହେଲା ଲିଭୁନି ପାହାଡ଼ ନିଆଁ

## ନାକେଦମ୍ ଅଗ୍ନିଶମ ବାହିନୀ

**ନୀଳଗିରି, ୫।୩(ପ୍ରଶାନ୍ତ ବିଶ୍ୱାଳ)**

ବାଲେଶ୍ୱର ଜିଲା ନୀଳଗିରିସ୍ଥିତ ସ୍ୱର୍ଣ୍ଣଚୂଡ ପାହାଡରେ ନିଆଁ ଲାଗି ବହୁ ବୃକ୍ଷଲତା, କୀଟପତଙ୍ଗ ଓ ବନୌଷଧି ବୃକ୍ଷ ଜଳିଯାଇଛି। ପାଖାପାଖି ୫ କି.ମି.ରୁ ଅଧିକ ଏରିଆରେ ନିଆଁ ଲାଗିଥିବା ବେଳେ ପବନର ବେଗ ବଢିବା ସହ ନିଆଁ ବ୍ୟାପିବାରେ ଲାଗିଛି। ନିଆଁର ପ୍ରକୋପ ଅଧିକ ଏବଂ ସ୍ୱର୍ଣ୍ଣଚୂଡ ପାହାଡ଼ର ଉପରିଭାଗରେ ଏହି ନିଆଁ ବ୍ୟାପିଥିବାରୁ ୩ଦିନ ହେଲାଣି ଅଗ୍ନିଶମ ବାହିନୀ ନାକେଦମ୍ ହୋଇଛି। କେଉଁଠି ହୁତୁ ହୁତୁ ହୋଇ ଜଳୁଛି, ତ ଆଉ କେଉଁଠି କୁହୁଳି କୁହୁଳି ବ୍ୟାପୁଛି ନିଆଁ। ପ୍ରତିବର୍ଷ ଗ୍ରୀଷ୍ମଋତୁ ଆସିଲେ ନୀଳଗିରି ସ୍ୱର୍ଣ୍ଣଚୂଡ ପାହାଡ, କୁଳଡିହା ଅଭୟାରଣ୍ୟ ଓ ଅଭୟାରଣ୍ୟ ପାଦଦେଶ ଅଞ୍ଚଳ, ତିନିକୋଶିଆ ଏବଂ ଗୋପାଳପୁର ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗିଥିବା ଦେଖିବାକୁ ମିଳେ।

ଗତ ମଙ୍ଗଳବାର ମଧ୍ୟାହ୍ନରେ ନୀଳଗିରି ମଙ୍ଗଳାମନ୍ଦିର ପଛପଟରେ ଥିବା ସ୍ୱର୍ଣ୍ଣଚୂଡ ପାହାଡ ପାଦଦେଶରେ ନିଆଁ ଲାଗି ପାହାଡ ଉପରକୁ ବ୍ୟାପିଥିବା ବେଳେ ନିଆଁର ପ୍ରକୋପ ଏତେ ଭୟଙ୍କର ରହିଥିଲା ଯେ ବଡ ବଡ ଗଛ ଏଥିରେ ଜଳିପୋଡ଼ି ନଷ୍ଟ ହୋଇଯାଇଛି। ଖବରପାଇ ନୀଳଗିରି ବନବିଭାଗର କର୍ମଚାରୀ ବ୍ଲେୟର୍ ଦ୍ୱାରା ନିଆଁ ଲିଭାଇବା ପାଇଁ ଚେଷ୍ଟା କରିଥିଲେ ହେଲେ ସଫଳ



ଅଗ୍ନିଶମ ବାହିନୀ ପକ୍ଷରୁ ନିଆଁ ଲିଭାଯାଉଛି।

ହୋଇପାରି ନ ଥିଲେ। ପରେ ନୀଳଗିରି ଅଗ୍ନିଶମ ବାହିନୀ ଓ ବାଲେଶ୍ୱର ଆଇଟିଆର ପକ୍ଷରୁ ଏକ ଅଗ୍ନିଶମ ବାହିନୀ ଗତ ମଙ୍ଗଳବାର ଓ ବୁଧବାର ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ହେଲେ ପାହାଡ଼ର ତଳଭାଗରେ ଲାଗିଥିବା ନିଆଁ ଲିଭାଇବାରେ ସଫଳ ହୋଇଥିଲେ। ହେଲେ ଉପରଭାଗରେ ଲାଗିଥିବା ନିଆଁକୁ ଲିଭାଇବାରେ ସଫଳ ହୋଇ ନ ଥିଲେ। କାରଣ ଉପରଭାଗ ପାହାଡ଼କୁ ଅଗ୍ନିଶମବାହିନୀ ପହଞ୍ଚି ପାରି ନ ଥିଲା। ତେବେ ନିଆଁର ପ୍ରକୋପରେ ବଡ଼ ବଡ଼ ଗଛ ସହିତ ଔଷଧୀୟ ଗୁଳ୍ମ ଜଳିଯାଇଥିବା ଦେଖାଯାଇଛି। ଯଦି ପାହାଡ଼ ନିଆଁକୁ ଆୟତ୍ତ କରା ନ ଯାଏ ତେବେ ପାହାଡ଼ରେ ବସବାସ କରୁଥିବା ଅନେକ ବନ୍ୟଜୀବଙ୍କ ଜୀବନ ପ୍ରତି ବିପଦ ଥିବା ପରିବେଶବିତ୍‌ମାନେ ଆଶଙ୍କା କରିଛନ୍ତି। ଗୁରୁବାର ବନ ବିଭାଗ କର୍ମଚାରୀଙ୍କ କହିବା ଅନୁସାରେ ନିଆଁ ସ୍ୱର୍ଣ୍ଣଚୂଡ ପାହାଡ଼ର ଉପରମୁଣ୍ଡରେ ରହିଛି ଏବଂ ଏକାଧିକ କର୍ମଚାରୀମାନେ ବ୍ଲେୟର୍ ଦ୍ୱାରା କିଛିଟା ନିଆଁକୁ ଆୟତ୍ତ କରିଛନ୍ତି। ଆଉ କିଛି ବଡ଼ ବଡ଼ ଗଛର ମୂଳ କୁହୁଳୁଛି ସେସବୁକୁ ଆୟତ୍ତ କରିବା ପାଇଁ ଚେଷ୍ଟା କରାଯାଉଛି।

## ପୋଖରୀକୁ ଟ୍ରାକ୍ଟର ଖସି ଡ୍ରାଇଭରଙ୍କ ମୃତ୍ୟୁ

**ବାହାନଗା, ୫।୩(ଅରୁଣ କୁମାର ଦାସ)**



ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତ ଆପିଡିରା ଗ୍ରାମରେ ଗତ ବୁଧବାର ଏକ ଟ୍ରାକ୍ଟର ପୋଖରୀକୁ ଖସିପଡ଼ିବାରୁ ପଙ୍କରେ ପୋତି ହୋଇ ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି। ଗାଡ଼ି ମଲିକ ଉମା ପାତ୍ରଙ୍କ ଘର ଫତେପୁର ଗ୍ରାମରେ। ସେହି ଟ୍ରାକ୍ଟରକୁ ରାଧାକୃଷ୍ଣ ପାତ୍ର (୨୪)ଚଳାଉଥିଲେ। ଧାନ ଲୋଡ କରିବା ପାଇଁ ଆପିଡିରା ଗ୍ରାମକୁ ଆସୁଥିବା ବେଳେ ନୂଆଗାଡିଆ ଆଡି ରାସ୍ତାରେ ଟ୍ରାକ୍ଟରକୁ ପଛାଉଥିବା ବେଳେ ପୋଖରୀ ତଳକୁ ଖସିଯାଇଥିଲା। ଟ୍ରାକ୍ଟରରେ ବସିଥିବା ଅନ୍ୟ ୩ଜଣ ଡେଇଁ ପଡିଥିବା ବେଳେ ରାଧାକୃଷ୍ଣ ଟ୍ରାକ୍ଟର ତଳେ ପାଣି ଓ ପଙ୍କରେ ଚାପି ହୋଇ ରହିଯାଇଥିଲେ। ଗ୍ରାମ ଯୁବକମାନେ ଟ୍ରାକ୍ଟର ତଳୁ ରାଧାକୃଷ୍ଣଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଷଠୀ ଦମକଳ ବାହିନୀ ଓ ଗୋପାଳପୁର ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ମାଡ଼ମାରି ଜେଲ ଗଲେ ୫ ଯୁବତୀଯୁବକ

### ଗିରଫ ହେବେ ଆଉ ୧୫

**ଭୋଗରାଇ, ୫ ।୩ ( ପ୍ରଦୀପ ଦାସ)**

ପିଲାଚୋର ଗୁଜବ ପ୍ରଚାର ଓ ଜଣେ ମାନସିକ ବିକୃତ ଯୁବକଙ୍କୁ ଅନ୍ୟାୟ ଭାବେ ବିଦ୍ୟୁତ ଖୁଣ୍ଟରେ ବାନ୍ଧି ନିସ୍ଥୁକ ମାଡ଼ ମାରି ଲହୁଲୁହାଣ କରିବା ଅଭିଯୋଗରେ ବାଲେଶ୍ୱର ଜିଲା ଭୋଗରାଇ ଥାନା ପୋଲିସ ଅଭିଯୁକ୍ତଙ୍କ ନାମରେ ମାମଲା(ନଂ.୫୩/୨୬) ରୁଜୁ କରି ଘଟଣାସ୍ଥଳରୁ ୩ ମହିଳାଙ୍କ ସମେତ ୨ପୁରୁଷଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। କୋର୍ଟରେ ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁଯାୟୀ,ଏହି ବ୍ଲକ ଦକ୍ଷିଣସରିସା ଗ୍ରାମର ମାନସିକ ବିକୃତ ଯୁବକ ଲେଇ ଜେନା ଦେଉଳାହାଟକୁ ଯାଉଥିବାବେଳେ ସରସ୍ୱତୀପୁର ଗ୍ରାମର ଜଣେ ପିଲାକୁ ଡାକିବାରୁ ପିଲାଚୋର ସନ୍ଦେହରେ ସାହିଲୋକେ ଘେରିଯାଇ ଉକ୍ତ ଯୁବକଙ୍କୁ ବିଦ୍ୟୁତ ଖୁଣ୍ଟରେ ବାନ୍ଧି ନିସ୍ଥୁକ ମାଡ଼ ମାରିଥିଲେ। ଯୁବକ ମାଡ଼ ଖାଉଥିବାବେଳେ ଘଟଣା ସମ୍ପର୍କରେ ସତ୍ୟତା ଉପରେ କେହି ପ୍ରଶ୍ନ କରି ନ ଥିଲେ କି ପ୍ରତିବାଦ କରି ନ ଥିଲେ। ଭୋଗରାଇ ପୋଲିସ ସେଠାରେ ପହଞ୍ଚି ଯୁବକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିବା ସହିତ ପ୍ରଥମେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲ। ପରେ ତାଙ୍କୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ମାଡ଼ଖାଇଥିବା ଯୁବକଙ୍କ ପିତା ଭୋଗରାଇ ଥାନାରେ ଏତଲା ଦେବାପରେ ପୋଲିସ ପ୍ରଥମେ ୫ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବାବେଳେ ଅନ୍ୟ ୧୫ ଜଣଙ୍କ ନାମରେ ମାମଲା ରୁଜୁ କରାଯାଇ ପ୍ରାଥମିକ ତଦନ୍ତ ଚାଲୁଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି।

## ରାସ୍ତାରେ ବସିଲେ ଚାଷୀ

**ରସାଲପୁର, ୫।୩(ଶରତ ସାମଲ)**

ବାଲେଶ୍ୱର ଜିଲା ସଦର ବ୍ଲକ ଅନ୍ତର୍ଗତ ସାରଗାଁ ସେବା ସମବାୟ ସମିତି ଅଧୀନରେ ଚାଷୀଙ୍କଠାରୁ ଧାନ ନ ନେବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଗୁରୁବାର ଅପରାହ୍ନରେ ବହୁ ଚାଷୀ ସଲ୍ଟରୋଡ଼ ସାରଗାଁ ଛକ ରାସ୍ତାରେ ଧାରଣା ଦେଇଥିଲେ। ଫଳରେ ଗାଡ଼ି ମୋଟର ଅଟକି ରହିବା ଦ୍ୱାରା ସାଧାରଣ ଲୋକ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଉପରିସ୍ଥ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଧାନ ନେବାର ପ୍ରତିଶ୍ରୁତି ଦେଲେ ଚାଷୀ ରାସ୍ତାରୁ ହଟିବେ ବୋଲି ଅଡ଼ି ବସିଥିଲେ। ଏନେଇ ସଦର ପୋଲିସ ସେଠାରେ ପହଞ୍ଚି ବୁଝାଶୁଝା କରିଥିଲେ ହେଁ ଚାଷୀ ତାଙ୍କ ଜିଦ୍‌ରେ ଅଟଳ ଥିଲେ। ତେବେ ଅପରାହ୍ନ ୪ରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଧାରଣାରେ ବସିଥିଲେ ବି କୌଣସି ଅଧିକାରୀ କିମ୍ବା ଜିଲା ପ୍ରଶାସନ ଆସି ନ ଥିଲେ।

ଅପରପକ୍ଷେ ଚାଷୀଙ୍କଠାରୁ ସମିତି ଧାନ ନେବ ନାହିଁ ବୋଲି କିଛି ଦିନ ପୂର୍ବରୁ ମନା କରିବାକୁ ନେଇ ସମିତିର ସଭାପତି ବସୁମତୀ ପଣ୍ଡା ୫ ତାରିଖରେ ଚାଷୀମାନଙ୍କୁ ନେଇ ଏ ସମ୍ପର୍କରେ ଜରୁରୀ ବୈଠକ ହେବା ପାଇଁ ଡାକବାଜି ସାହାଯ୍ୟରେ ଗେଙ୍ଗୁଟି, ସାରଗାଁ ପଞ୍ଚାୟତରେ ଜଣାଇଥିଲେ। ବୈଠକରେ ଆଲୋଚନା ପରେ ମିଲରମାନେ ଧାନ ନେବେ ନାହିଁ। ତାଙ୍କ ଗୋଦାମ ଖାଲି ନାହିଁ। ଏଥିସହିତ ସରକାର ମିଲରଙ୍କଠାରୁ ଚାଉଳ ନେଉନାହିଁ। ଯଦି ବାହାର ରାଜ୍ୟର ମିଲର ଧାନ ନେବା ପାଇଁ ସରକାର ବ୍ୟବସ୍ଥା କଲେ ସମିତି ଧାନ ନେବ ବୋଲି କହିଛି। ଏହାକୁ ନେଇ ଚାଷୀ ସମିତିରେ ଥିବା ସେକ୍ରେଟେରୀ, ସଭାପତି ଏବଂ ଅନ୍ୟ କର୍ମଚାରୀଙ୍କୁ ଭିତରେ ରଖି ବାହାରୁ ତାଲା ପକାଇ ଦେଇଥିବା ଦେଖିବାକୁ ମିଳିଥିଲା। ପରେ ଜିଲା ଯୋଗାଣ ଅଧିକାରୀ ଓ ଅତିରିକ୍ତ ଯୋଗାଣ ଅଧିକାରୀ ପହଞ୍ଚି ଶୁକ୍ରବାର ଗାଡ଼ି ପଠାଇ ଧାନ ନେବେ ବୋଲି କହିଥିଲେ। ମାତ୍ର ଚାଷୀ ସେଥିରେ ରାଜି ହୋଇ ନ ଥିଲେ। ଚାଷୀଙ୍କ ଅଭିଯୋଗ ସାରଗାଁ ପଞ୍ଚାୟତରେ ୫୦ ପ୍ରତିଶତ ଧାନ ସମିତି ନେଇଥିବା ବେଳେ ଗେଙ୍ଗୁଟି ପଞ୍ଚାୟତରୁ ମାତ୍ର ୩୫ ପ୍ରତିଶତ ଧାନ ନେଇଛି ସମିତି। ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ସମାଧାନ ହୋଇ ନ ଥିବା ଜଣାପଡ଼ିଛି।



ଧାରଣାରତ ଚାଷୀ।

## ୬ଘଣ୍ଟା ରାସ୍ତା ଅବରୋଧକଲେ ଚାଷୀ




ଚାଷୀମାନେ ରାସ୍ତାରୋକୋ କରିଛନ୍ତି।

### ଧାନକିଣାରେ ଅବ୍ୟବସ୍ଥା

**ଜଳେଶ୍ୱର, ୫।୩(ନବୀନ ସାହୁ)**

ଧାନ ସଂଗ୍ରହ କ୍ଷେତ୍ରରେ ସରକାରୀ ସ୍ତରରେ ଦେଖାଦେଇଥିବା ଚରମ ଉଦାସୀନତା ଓ ଅନିୟମିତତା ବିରୋଧରେ ଗୁରୁବାର ଜଳେଶ୍ୱରରେ ଚାଷୀ ଅସନ୍ତୋଷ ବିସ୍ଫୋରକ ରୂପ ନେଇଛି। ଧାନ ଉଠାଣରେ ବିଳମ୍ବକୁ ପ୍ରତିବାଦ କରି ଜଳେଶ୍ୱର-ପଶ୍ଚିମବାର୍ଡ ରାସ୍ତାର ସରସିଦା ଛକଠାରେ ଶତାଧିକ ଚାଷୀ ଦୀର୍ଘ ୬ ଘଣ୍ଟା ଧରି ରାସ୍ତା ଅବରୋଧ କରିଥିଲେ। ବର୍ଡନା ଓ ପାଇକସିଦା ସେବା ସମବାୟ ସମିତିର ପଞ୍ଜିକୃତ ଚାଷୀମାନଙ୍କ ଧାନ ଉଠାଣରେ ମନ୍ଥରତା ଓ ସରକାରୀ ଲକ୍ଷ୍ୟଧାର୍ଯ୍ୟ ପୂରଣରେ ବିଫଳତା ପ୍ରତିବାଦରେ ଏହି ରାସ୍ତା ଅବରୋଧ କରାଯାଇଥିଲା। ଗୁରୁବାର ସକାଳ ୯ଟାରୁ ଦିନ ୩ଟା ପର୍ଯ୍ୟନ୍ତ ଚାଷୀମାନେ ରାସ୍ତା ଉପରେ ଧାନ ବସ୍ତା ରଖି ଧାରଣାରେ ବସିଥିଲେ। ବର୍ଡନା ସମିତି ସଭାପତି ଅସିତ କୁମାର ପାତ୍ରଙ୍କ ନେତୃତ୍ୱରେ ରାମନାଥ ଗିରି, ପଦ୍ମଲୋଚନ ବେହେରା, ଅନନ୍ତ ରାଉଳ ଓ ପୂର୍ଣ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ଶତାଧିକ ଚାଷୀ ଏହି ଆନ୍ଦୋଳନକୁ ପରିଚାଳନା କରିଥିଲେ। କଂଗ୍ରେସ ନେତା ସୁଦର୍ଶନ ଦାସ, ସିପିଏମ୍ ନେତା ଦିଲୀପ କୁମାର ଗିରି ଏବଂ ବିଜେଡି ନେତା ମଧୁସୂଦନ ସେନାପତି ଧାରଣାସ୍ଥଳକୁ ଯାଇ ଚାଷୀଙ୍କ ଦାବି ପ୍ରତି ସହମତି ପ୍ରକାଶ କରିଥିଲେ। ରାସ୍ତା ଅବରୋଧ ଯୋଗୁ ଯାତାୟାତ ବାଧାପ୍ରାପ୍ତ ହେବାରୁ ଘଟଣାସ୍ଥଳରେ ତହସିଲଦାର ସତ୍ୟଜିତ ମହାନ୍ତି, ଏସିଏସଓ ଏଲିନା କୁଜୁର, ଏସ୍‌ଡିପିଓ ସୁବ୍ରତ ବେହେରା ଓ ଜଳେଶ୍ୱର ଭାରପ୍ରାପ୍ତ ଆଇଆଇସି ଅର୍ପିତା ଦାସଙ୍କ ସମେତ ଅନ୍ୟ ପୋଲିସ କର୍ମୀ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଉଭୟ ସମବାୟ ସମିତିର ସମସ୍ତ ପଞ୍ଜୀକୃତ ଚାଷୀଙ୍କଠାରୁ ଶତ ପ୍ରତିଶତ ଧାନ କିଣାଯିବ ବୋଲି ପ୍ରଶାସନ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ଦିଆଯାଇଛି। ଏହି ପ୍ରତିଶ୍ରୁତି ମିଳିବା ପରେ ଅପରାହ୍ନରେ ଚାଷୀମାନେ ଧାରଣା ପ୍ରତ୍ୟାହାର କରିଥିଲେ। ତେବେ ଧାର୍ଯ୍ୟ ସମୟ ମଧ୍ୟରେ ଧାନ କିଣା ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ଚାଷୀ ସଂଘ ଚେତାବନୀ ଦେଇଛି।

## ଟ୍ରାକ୍ଟର ବ୍ୟାଟେରି ଚୋରି ଅଭିଯୋଗ, ୪ ଗିରଫ



ଗିରଫ ୪ ଅଭିଯୁକ୍ତ।

**ଔପଦା,୫।୩(ଧରିତ୍ରୀ ପଣ୍ଡା)**

ବାଲେଶ୍ୱର ଜିଲା ଔପଦା ଅଞ୍ଚଳରେ ସିରିଜ ଚୋରି ଓ ଛିନତାଇର ମାଷ୍ଟରମାଇଣ୍ଡ ଉଜ୍ଜ୍ୱଳ ପ୍ରଧାନଙ୍କ ସମେତ ୪ଜଣ ଟ୍ରାକ୍ଟର ବ୍ୟାଟେରି ଚୋରି କରି ଗିରଫ ହୋଇଛନ୍ତି। ବୁଧବାର ବିଳମ୍ବିତ ରାତିରେ ଔପଦା ଥାନା ଅଧୀନ ପାଟପୁର ଗ୍ରାମର ଅନନ୍ତ ପ୍ରସାଦ ମହାନ୍ତିଙ୍କ ଘର ନିକଟରେ ଥିବା ଟ୍ରାକ୍ଟରରୁ ବ୍ୟାଟେରି ଚୋରି ହୋଇଥିବା ନେଇ ସେ ସକାଳେ ଜାଣିବାକୁ ପାଇଥିଲେ। ଏନେଇ ସେ ଔପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ମାମଲା (ନଂ. ୩୯/୨୬) ରୁଜୁ କରି ଔପଦା ଥାନା ଅଧୀନ ପ୍ରତାପପୁର ଗ୍ରାମର ଉଜ୍ଜ୍ୱଳ ପ୍ରଧାନ(୨୭), ଖଇରା ଗ୍ରାମର ବସନ୍ତ ବାରିକ(୩୩), ତଳକିଆ ଗ୍ରାମର ଯୋଗେଶ୍ୱର ଦାସ(୨୯) ଓ ଜଳପଙ୍କର ନବଘନ ଦାସ(୨୨) ପ୍ରମୁଖଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି।

## ଛାତ୍ରାବାସରେ ଛାତ୍ରଙ୍କ ଝୁଲନ୍ତା ମୃତଦେହ

**ବାଲେଶ୍ୱର, ୫।୩ (ମୃତ୍ୟୁଞ୍ଜୟ ପଟ୍ଟନାୟକ)**

ବାଲେଶ୍ୱର ରେମୁଣା ଥାନା ପୋଲିସ ଗୌଡ଼ଦାଣ୍ଡପୁର ଗ୍ରାମରେ ଥିବା ଏକ ଘରୋଇ ଛାତ୍ରାବାସରୁ ଜଣେ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଗୁରୁବାର ଜବତ କରିଥିଲା। ମୃତ ଛାତ୍ର ହେଲେ ଚାନ୍ଦିପୁର ଥାନା ବଡ଼କିଆ ଗ୍ରାମାର ଅରୁଣ ଦାସଙ୍କ ପୁଅ ହରିଶଙ୍କର ଦାସ (୨୦)। ରେମୁଣା ଡାଏଟ ଶିକ୍ଷାନୁଷ୍ଠାନରେ ପାଠ ପଢୁଥିଲେ ହରିଶଙ୍କର। ବୁଧବାର ରାତିରେ ସେ ଛାତ୍ରାବାସରେ ରହୁଥିବା କୋଠରୀରେ ଫ୍ୟାନ୍‌ରେ ଫାଶି ଲଗାଇ ଆତ୍ମହତ୍ୟା କରିଥଲେ। ଗୁରୁବାର ସକାଳେ ମେସ୍‌ରେ ରହୁଥିବା ଅନ୍ୟ ଛାତ୍ରମାନେ ହରିଶଙ୍କରଙ୍କ ଝୁଲନ୍ତା ମୃତଦେହ ଦେଖି ରେମୁଣା ଥାନା ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ତେବେ ହରିଶଙ୍କରଙ୍କ ଶରୀର ଫ୍ୟାନ୍‌ରେ ଝୁଲୁଥିଲା ବେଳେ ତାଙ୍କର ଦୁଇ ଗୋଡ଼ ଭୂମିରେ ଲାଗିଥିଲା। ତେଣୁ ସ୍ଥାନୀୟ ଲୋକଙ୍କ ମନରେ ଆତ୍ମହତ୍ୟା କିମ୍ବା ହତ୍ୟାକୁ ନେଇ ସନ୍ଦେହ ପ୍ରକାଶ ପାଇଥିଲା। ମାତ୍ର ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଏହା ସ୍ପଷ୍ଟ ଜଣାପଡ଼ିବ ବୋଲି ରେମୁଣା ଥାନା ପୋଲିସ କହିଛି।

## ବିଦ୍ୟୁତ୍ ଶର୍ଟସର୍କିଟରୁ ଜଳିଗଲା ଘର

ଭୋଗରାଇ, ୫ ।୩( ପ୍ରଦୀପ ଦାସ): ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ବଡ଼ପାହି ଗ୍ରାମର ସୁଚିତ୍ରା ଦଳେଇଙ୍କ ନଡାଛପର ଘରେ ମଙ୍ଗଳବାର ମଧ୍ୟାହ୍ନରେ ବିଦ୍ୟୁତ ସଟସର୍କିଟ ହୋଇ ଘରଟି ସମ୍ପୂର୍ଣ୍ଣ ପୋଡିଯାଇଛି। ଘରେ କେହି ନ ଥିଲା ବେଳେ ଏହି ଅଗ୍ନିକାଣ୍ଡ ଘଟିଥିବା ପରିବାର ପକ୍ଷରୁ ସୂଚନା ମିଳିଛି। ଦମକଳ ବାହିନୀ ପହଞ୍ଚିବା ପୂର୍ବରୁ ୩ଲକ୍ଷ ଟଙ୍କାର ଆସବାବପାତ୍ର ପୋଡି ଛାରଖାର ହୋଇଯାଇଛି।

## ୬ ହଜାର ଲିଟର ପୋଚ ନଷ୍ଟ, ୩୫୦ ଲିଟର ମହୁଲି ମଦ ଜବତ

ଜଳେଶ୍ୱର, ୫ ।୩(ନବୀନ ସାହୁ): ବାଲେଶ୍ୱର ଜିଲା ଜଳେଶ୍ୱର ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ରାଇବଣିଆ ଥାନା ଅଧୀନ ବରଡିହା ପଞ୍ଚାୟତ ରଙ୍ଗାମାଟିଆ ଗ୍ରାମ ନିକଟରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ପୋଚ ନଷ୍ଟ କରାଯିବା ସହ ମହୁଲି ମଦ ଜବତ କରାଯାଇଛି। ଚଢ଼ାଉ ସମୟରେ ମଦ ପ୍ରସ୍ତୁତି ପାଇଁ ରଖାଯାଇଥିବା ପ୍ରାୟ ୬,୦୦୦ ଲିଟର ପୋଚକୁ ଘଟଣାସ୍ଥଳରେ ହିଁ ନଷ୍ଟ କରାଯାଇଛି। ଏହାସହିତ ବିକ୍ରି ପାଇଁ ପ୍ରସ୍ତୁତ ଥିବା ୩୫୦ ଲିଟର ମହୁଲି ମଦ ବିଭାଗ ପକ୍ଷରୁ ଜବତ କରାଯାଇଛି। ଚଢାଉରେ ଅବକାରୀ ବିଭାଗର ବରିଷ୍ଠ ଅଧିକାରୀମାନେ ସାମିଲ ଥିଲେ।

## ଶ୍ରୀ ରାମନାରାୟଣ ମହାଯଜ୍ଞ ସମାରୋହ

**ସିମୁଳିଆ, ୫।୩(ସନ୍ତୋଷ ନାୟକ)**

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ସହଜପଦା ଅଞ୍ଚଳର ଶ୍ରୀସର୍ବେଶ୍ୱର ଯଜ୍ଞ କମିଟି ଆନୁକୂଲ୍ୟରେ ବିଂଶତମ ବାର୍ଷିକ ଉତ୍ସବ ସହଜପଦା ମେଳନ ପଡିଆରେ ଗୁରୁବାର ଦିବସବ୍ୟାପୀ ପାଳିତ ହୋଇଯାଇଛି। ଗ୍ରହ ନକ୍ଷେତ୍ରମାନଙ୍କ ଚଳଣି ଅନୁସାରେ ଚଳିତବର୍ଷ ଶ୍ରୀରାମନାରାୟଣ ମହାଯଜ୍ଞ ସମାରୋହ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ବୁଧବାର ଯଜ୍ଞକୁଣ୍ଡ, ମଣ୍ଡପ, ତୋରଣ ସଜ୍ଜୀକରଣ, ଗୁରୁବାର ଅଧିବାସ, ପ୍ରାତଃରେ ମଙ୍ଗଳ ଘଟଉତ୍ତୋଳନ, ସ୍ଥାନୀୟ ମହାଦେବ ଓ ଦେବୀ ଦୁର୍ଗାଙ୍କ ବିଧି ଉପଚାର ପୂଜା, ସକାଳ ୮ଟା ୩୦ରେ ଶ୍ରୀରାମ ବିଗ୍ରହଙ୍କ ଯଜ୍ଞସ୍ଥଳକୁ ଶୋଭାଯାତ୍ରା, ୧୦ଟାରେ ସ୍ୱାଗତ ସମ୍ବର୍ଦ୍ଧନା ଓ ଯଜ୍ଞୋତ୍ସବ ଶୁଭ ଉଦଘାଟନ, ମଧ୍ୟାହ୍ନରେ ନାରାୟଣସେବା, ସନ୍ଧ୍ୟାରେ ଆରତ୍ରିକ, ପୂର୍ଣ୍ଣାହୂତି ହୋଇଥିଲା। ବ୍ରତୀ ରୂପେ ୧୧ଜଣ ମହିଳା ଓ ପୁରୁଷ ଯୋଗ ଦେଇଥିଲେ। ମୁଖ୍ୟପଣ୍ଡିତ ରୂପେ ନାରାୟଣ ଚନ୍ଦ୍ର ପଣ୍ଡା, ଯଜ୍ଞ ହୋତା ରୂପେ ବାବୁଲି ଦାଶଙ୍କ ସମେତ ୧୧ଜଣ ପଣ୍ଡିତ ଯୋଗ ଦେଇଥିଲେ । ଅନୁଷ୍ଠାନର କର୍ମକର୍ତ୍ତା ରୂପେ ଶ୍ରୀଧର ବେହେରା, ବିଜୟ କୁମାର ପାତ୍ର, କମଳାକାନ୍ତ ପାଣିଗ୍ରାହୀ, ନୃସିଂହ ଚନ୍ଦ୍ର ପଣ୍ଡା, ବିକ୍ରମ ବେହେରାଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ଓ ଭକ୍ତମାନେ ସହଯୋଗୀ ଥିଲେ।



ସହଜପଦାରେ ଅନୁଷ୍ଠିତ ଯଜ୍ଞ ଉତ୍ସବ।

## ଐତିହାସିକ ପତିରାଜପୁର ଦୋଳମେଳା ଆରମ୍ଭ

- ବିମାନରେ ରାଧାକୃଷ୍ଣଙ୍କୁ ଦେଖିଲେ ୫୦ହଜାର ଶ୍ରଦ୍ଧାଳୁ
- ଡିଜେ ନିୟନ୍ତ୍ରଣରେ ପୋଲିସ ବିଫଳ
- ସଫେଇ କାର୍ଯ୍ୟରେ ବିଭିନ୍ନ ସାମାଜିକ ସଙ୍ଗଠନ ସାମିଲ

**ଖଇରା, ୫।୩(ଉତ୍କଳବନ୍ଧୁ ପଣ୍ଡା)**



ଶ୍ରଦ୍ଧାଳୁମାନେ ଦିଅଁ ଦର୍ଶନ କରୁଛନ୍ତି।

ବାଲେଶ୍ୱର ଜିଲା ଖଇରା ବ୍ଲକର ପତିରାଜପୁରଠାରେ ୧୭୮୦ ମସିହାରୁ ପାଳିତ ହୋଇଆସୁଥିବା ଐତିହାସିକ ଦୋଳମେଳନ ମଙ୍ଗଳବାର ରାତିରୁ ଧୁମଧାମ୍‌ରେ ଆରମ୍ଭ ହୋଇଥିଲା। ପ୍ରଥମ ଦିନ ପୂର୍ଣ୍ଣମୀ ରାତିରେ ୫୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଚାରାରୁଢ ରାଧାକୃଷ୍ଣ ଦୋଳବିମାନରେ ରାଧାକୃଷ୍ଣଙ୍କୁ ମନଭରି ଦର୍ଶନ କରିଛନ୍ତି। କେତେଜଣ ଠାକୁର ସେବକ ପୋଲିସ ନିର୍ଦ୍ଦେଶକୁ ଅବଜ୍ଞା କରି ଡିଜେ ବ୍ୟବହାରକୁ ଛାଡିଦେଲେ ବାକି ଶୋଭାଯାତ୍ରା ପାରମ୍ପରିକ ନାଚଗୀତ ଓ ବାଦ୍ୟଯନ୍ତ୍ରର ତାଳେ ତାଳେ ଶେଷ ହୋଇଛି। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ପୂର୍ବପଟ ଦ୍ୱାରା ଦେଇ ସାରଡାଙ୍ଗ, ଭୋଗୁପୁର, ପତିରାଜପୁର, ଦାମୋଦରପୁର, ଗଗନଧୂଳି ଓ ଅଲିପୁର ଏବଂ ପଶ୍ଚିମ ଦ୍ୱାରା ଦେଇ ଖାନପୁର, ଅମରିଆ, ପାଣିଛତ୍ର, ରଇଁଡିରା, ଗେଙ୍ଗୁଟିଆ, ସଇଁ ଓ ବାଘୁଆ ଆଦି ଗ୍ରାମରୁ ସୁସଜ୍ଜିତ ଦୋଳବିମାନ ଶଙ୍ଖ, ହୁଳହୁଳି, ଖୋଳ କରତାଳର ତାଳେ ତାଳେ ମେଳାମଣ୍ଡପକୁ ବିଜେ କରିଥିଲେ। ସେହିଭଳି ଉତ୍ତରଦ୍ୱାର ଦେଇ ସାରୁଗାଁ, ବିଦ୍ୟାଧରପୁର ଶାସନ, ମଳିହା, ଗୋଳିହା, କଣ୍ଟାପଡାଶାସନ, ବଣପାରିଆ, ନଛିପୁର, ଚାରିଘରିଆ ଅଞ୍ଚଳରୁ ଏବଂ ଦକ୍ଷିଣଦ୍ୱାର ଦେଇ ଡୁଙ୍ଗୁରା, ବାଣପୁର, ବାରାପୁର ଗ୍ରାମରୁ ସୁସଜ୍ଜିତ ବିମାନ ମଣ୍ଡପରେ ପ୍ରବେଶ କରି ଚାରରେ ବିରାଜମାନ କରିଥିଲେ। ଚଳିତବର୍ଷ ମୋଟ ୭୨ ବିମାନ ଯୋଗ ଦେଇଥିଲେ। ଉପଜିଲାପାଳଙ୍କ ନିର୍ଦ୍ଦେଶକୁ ସମ୍ମାନ ଦେଇ ମେଳା କମିଟି ତରଫରୁ ଖଇରା ପୋଲିସକୁ ଡିଜେ ନିୟନ୍ତ୍ରଣ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ହେଲେ ପୂର୍ବପଟ ରାସ୍ତାରେ ଆସୁଥିବା କିଛି ମେଢ ଶୋଭାଯାତ୍ରାରେ ଡିଜେ ବ୍ୟବହାରକୁ ପୋଲିସ ନିୟନ୍ତ୍ରଣ କରିବାରେ ବିଫଳ ହେବାକୁ ନେଇ ପୋଲିସ ପାରିବାପଣିଆକୁ ସମାଲୋଚନା କରାଯାଇଛି। ପ୍ରତିଭା ପରିବାର ସମେତ ଅନ୍ୟାନ୍ୟ ବହୁ ସାମାଜିକ ସଙ୍ଗଠନ ମେଳାମଣ୍ଡପ ଚତୁଃପାର୍ଶ୍ୱରେ ସଫେଇ କରିଥିବା ବେଳେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଡାକ୍ତର ଟିମ୍ ପକ୍ଷରୁ ଅସ୍ଥାୟୀ କ୍ୟାମ୍ପ ଖୋଲାଯାଇଥିଲା । ଚଳିତବର୍ଷ ମେଳା ୨୦ଦିନ ଧରି ଚାଲିବାକୁ ଥିବା ବେଳେ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ କମିଟି ସଭାପତି ପୀତାମ୍ବର ପଟ୍ଟନାୟକ, ସମ୍ପାଦକ ଭରତ ଚନ୍ଦ୍ର ରାଉତଙ୍କ ପକ୍ଷରୁ ନିବେଦନ କରାଯାଇଛି। ପଳସା – ଡୁଙ୍ଗୁରା ରାସ୍ତାର ଶୋଚନୀୟ ଅବସ୍ଥା ଯୋଗୁ ଶ୍ରଦ୍ଧାଳୁ ଯାତୟାତରେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥିଲେ।

# ବ୍ଲକ୍ କାର୍ଯ୍ୟାଳୟ ଆଗରେ ମହିଳାଙ୍କ ଧାରଣା

## ତଣ୍ଡବାଙ୍କଘାଟ ସାହିରେ ନଳକୂପ ମରାମତିରେ ବିଳମ୍ବ

**ପାଟଣା,୫।୩(ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଡୁମୁରିଆ ପଞ୍ଚାୟତ ଉପାନ୍ତ ଅଞ୍ଚଳ ତଣ୍ଡବାଙ୍କଘାଟ ସାହିରେ ଏକ ମାତ୍ର ନଳକୂପ ୨୩ ଦିନ ହେବ ଅଚଳ ହୋଇପଡ଼ିଛି। ବାରମ୍ବାର ଦାବି ସତ୍ତ୍ୱେ ମରାମତି ହେଉନାହିଁ। ଫଳରେ ସାହିର ୩୦ରୁ ଊର୍ଦ୍ଧ୍ୱ ମହିଳା ଗୁରୁବାର ପାଟଣା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଗରା, ବାଲ୍‌ଟି, ଡେକ୍‌ଚି ଧରି ଧାରଣାରେ ବସିଥିଲେ। ନଳକୂପ ମରାମତି ସହ ଟ୍ୟାଙ୍କର ଯୋଗେ ପାଣି ଯୋଗାଇବା ଦାବିରେ ନାରାବାଜି କରିଥିଲେ। ପରେ ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟଙ୍କ କାର୍ଯ୍ୟାଳୟକୁ ପ୍ରବେଶ କରି ପାଣି ଯୋଗାଇବାକୁ ଦାବି କରିଥିଲେ।

ସୂଚନା ଅନୁଯାୟୀ, ସାହିରେ ୧୫ ପରିବାରର ୮୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ସାହିରେ ଗୋଟିଏ ମାତ୍ର ନଳକୂପ ଖରାପ ହେବା ପରେ ଲୋକେ ୩ କି.ମି. ଦୂର ଘାଟବାଲିଯୋଡ଼ି ଗ୍ରାମରୁ ପାଣି ବୋହି ଆଣୁଛନ୍ତି। ଏ ନେଇ ୨୨ ଦିନ ପୂର୍ବରୁ ଗ୍ରାମର ମଳୟ ଗିରି, ବାସୁଦେବ ନାଏକ, ଯଦୁମଣି ଗିରି, ମାମି ନାଏକ ଓ ଅଖିଳ ଚନ୍ଦ୍ର ନାଏକ ସ୍ଥାନୀୟ ସରପଞ୍ଚ ଗୌରହରି ନାଏକଙ୍କୁ ଦାବିପତ୍ର ଦେଇଥିଲେ। ବ୍ଲକ୍‌କୁ ମଧ୍ୟ ଜଣାଇଥିଲେ ହେଁ ଲୋକଙ୍କ ଜଳକଷ୍ଟ ସମାଧାନ ହୋଇନାହିଁ। ଗୁରୁବାର ନଳକୂପ ମରାମତି ନ ହେଲେ ବ୍ଲକ୍ ଅଫିସ ସମ୍ମୁଖରେ ବସି ରହିବେ ବୋଲି ମାମି ନାଏକ, ସୁଶୀଳା ଗିରି, କେତକୀ ନାଏକ, ବୋଇତ ନାଏକ, ଲକ୍ଷ୍ମୀଧର ନାଏକ ପ୍ରମୁଖ ଚେତାବନୀ ଦେଇଥିଲେ। ତୁରନ୍ତ ବିଡିଓ ଜଳ ପରିମଳ ବିଭାଗ ଯନ୍ତ୍ରୀଙ୍କୁ ତାଗିଦା କରିବା ପରେ ନଳକୂପ ଗାଡ଼ି ଯାଇ ମରାମତି କରିଥିବା ଜଣାପଡ଼ିଛି। ବିଡିଓ କହିଛନ୍ତି, ସେ ଆରଡବ୍ଲ୍ୟୁଏସ୍ ଆଣ୍ଡ ଏସ୍ ଯନ୍ତ୍ରୀ ମିଥୁନ ମାଝିଙ୍କୁ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେ କାର୍ଯ୍ୟରେ ଅବହେଳା କରିଛନ୍ତି, ତେଣୁ ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯିବ। ଗାଡ଼ି ପଠାଇ ନଳକୂଅ ମରାମତି କରାଯାଇଛି। ଗାଁରେ ଆଉ ଏକ ନଳକୂପ ସହ ଏକ ପୁଷ୍କରିଣୀ ଖୋଳିବାକୁ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ।

ପ୍ରକାଶଯୋଗ୍ୟ, ବ୍ଲକ୍‌ର ୨୦ଟି ପଞ୍ଚାୟତରେ ୧୬୮୦ ନଳକୂପ ଥିବା ବେଳେ ମରାମତି ପାଇଁ ଗୋଟାଏ ମାତ୍ର ଗାଡ଼ି ଓ ୩ ମିସ୍ତ୍ରୀ ରହିଛନ୍ତି। ଖରାଦିନ ଆରମ୍ଭ ହୋଇଯାଇଥିବାରୁ ଆଉ ୨ଟି ମରାମତି ଗାଡ଼ି ଓ ମିସ୍ତ୍ରୀ ଯୋଗାଇ ଦେବାକୁ ଡୁମୁରିଆ ସରପଞ୍ଚ ଗୌରହରି ନାଏକ ଦାବି କରିଛନ୍ତି। ଉକ୍ତ ଜଳ ସମସ୍ୟା ଥିବା ଗାଁକୁ ପ୍ରଶାସନ ପକ୍ଷରୁ ପାନୀୟ ଜଳ ଯୋଗାଇ ଦେବାକୁ ଦାବି କରିଛନ୍ତି।



ଗରା, ବାଲ୍‌ଟି ଧରି ମହିଳାମାନେ ଧାରଣାରେ ବସିଛନ୍ତି।

## ପିଲାଙ୍କ ସହ ରଙ୍ଗ ଖେଳିଲେ ଜୟଦେବ


ଛୋଟ ପିଲାଙ୍କ ସହ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା।

**ବଉଳା, ୫।୩( ଦୁର୍ଗା ପ୍ରସାଦ ଆୟଚ)**

କେନ୍ଦୁଝର ଜିଲା ସୋସୋ, ପଡ଼ିଆରୀ ପଲ୍ଲୀ, ଶାଳଣିଆଁ, ହାଟଡ଼ିହୀ, ଛେନାପଦି, ବାଙ୍ଗୋର, ମରୈଗାଁ, ବିଦ୍ୟାଧରପୁର, ସଡ଼ା, ଢେଙ୍କା ଆଦି ବିଭିନ୍ନ ଗ୍ରାମ ଓ ଛକରେ ରଙ୍ଗ ପର୍ବ ହୋଲି ଧୂମଧାମରେ ପାଳନ ହୋଇଛି। ଏହି ଅବସରରେ ପୂର୍ବତନ ପିପିସି ସଭାପତି ଜୟଦେବ ଜେନା ନିଜ ଦଳୀୟ କର୍ମୀ ଓ ସମର୍ଥକଙ୍କ ସହିତ ରଙ୍ଗ ଖେଳିବା ସହିତ ନିଜ ଗାଁର କୁନି ପିଲାଙ୍କ ସହିତ ରଙ୍ଗ ଖେଳି ସ୍ମୃତିକୁ ବାଣ୍ଟିଥିଲେ। ସେହିପରି ବରିଷ୍ଠ ନାଗରିକ ସଦସ୍ୟମାନେ ହୋଲି ଖେଳି ମଜା ଉଠାଇ ଥିବାବେଳେ ବାଳାଶ୍ରମରେ ବୃଦ୍ଧାବୃଦ୍ଧ ଓ କୁନି ପିଲାମାନେ ହୋଲି ଖେଳଥିଲେ।

## ହାତୀ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ

**କେନ୍ଦୁଝର,୫।୩(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)**

କେନ୍ଦୁଝର ରେଞ୍ଜ ସଦର ବନାଞ୍ଚଳ କାଉଁରିକଳା ପଞ୍ଚାୟତ ଅଲେଖାପଡ଼ା ନିକଟରେ ହାତୀ ଆକ୍ରମଣରେ ଗୁରୁବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କନ୍ଦରକଳା ଗାଁର ବିକାଶ ଚନ୍ଦ୍ର ନାୟକ(୨୫)। ଦନ୍ତା ଅଞ୍ଚଳରେ ଉତ୍ପାତ କରୁଥିବାରୁ ଲୋକେ ଭୟ ଓ ଆତଙ୍କିତ ହୋଇପଡ଼ିଛନ୍ତି।

ସୂଚନା ମୁତାବକ, ଅଞ୍ଚଳରେ ୮ଟିକିଆ ହାତୀପଲ ବୁଲୁଛନ୍ତି। ସକାଳ ସମୟରେ ହାତୀପଲ ଗାଁ ମୁହାଁ ହୋଇଥିବା ବେଳେ ଅଲେଖାପଡ଼ା ଗ୍ରାମର ଅନ୍ୟ ଲୋକଙ୍କ ସହ ବିକାଶ ହାତୀ ଘଉଡ଼ାଉଥିଲେ। ଏହି ସମୟର ଏକ ଦନ୍ତାହାତୀ ପଛକୁ ବୁଲି ପଡ଼ି ଆକ୍ରମଣ କରିଥିଲା। ସମସ୍ତେ ଦୌଡ଼ି ପଳାଇଥିବା ବେଳେ ବିକାଶ ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ବିକାଶଙ୍କ ପେଟକୁ ବାରମ୍ବାର ଦାନ୍ତରେ ଭୁସିଥିଲା। ଫଳରେ ଅନ୍ତବୁଜୁଳା ବାହାରି ଘଟଣାସ୍ଥଳରେ ବିକାଶଙ୍କର ମୃତ୍ୟୁ ଘଟିଥିଲା। ପଳାସପଙ୍ଗା ଫାଣ୍ଡି ଏସ୍‌ଆଇ ମାନସ ରଞ୍ଜନ ପଣ୍ଡା ଓ ଫରେଷ୍ଟର ଜୟକୃଷ୍ଣ ଦାସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଏକ ମାମଲା(ନଂ.୧୩/୨୬)ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଡିଏଫ୍‌ଓ ଧନ୍‌ରାଜ ଏଚ୍‌ଡି କହିଛନ୍ତି, ବାରମ୍ବାର ସଚେତନ କରିବା ସତ୍ତ୍ୱେ ଲୋକେ ହାତୀକୁ ଘଉଡ଼ାଉଛନ୍ତି। ଫଳରେ ହାତୀ ଉତ୍ତ୍ୟକ୍ତ ହୋଇ ପ୍ରତି ଆକ୍ରମଣ କରୁଛି। ମୃତକଙ୍କ ପରିବାରକୁ ସରକାରଙ୍କ ନିୟମାନୁଯାୟୀ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯିବ। ହାତୀ ବର୍ତ୍ତମାନ ବଡ଼ଡୁମୁରିଆ ଜଙ୍ଗଲରେ ରହିଛି। ବନ କର୍ମଚାରୀ ହାତୀର ଗତିବିଧି ନିରୀକ୍ଷଣ କରୁଛନ୍ତି।

## ପିଢ଼ପୋଖରୀରେ ପ୍ରଥମ ରାସ ଉତ୍ସବ

**ଯୋଡ଼ା,୫।୩(ମାନସ ମହାନ୍ତି)**

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ବଡ଼କାଳିମାଟି ପଞ୍ଚାୟତର ପିଢ଼ପୋଖରୀ ଗ୍ରାମରେ କୃଷ୍ଣଲୀଳା ଲୋକନୃତ୍ୟ ଦଳ ଓ ଗ୍ରାମବାସୀଙ୍କ ପକ୍ଷରୁ ପ୍ରଥମ ରାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସୋମବାର ଉଦ୍‌ଯାପନ ସହିତ ବାହୁଡା ବିଜୟ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ କୃଷକଳା ଜିଲା ସଭାପତି ସନ୍ତୋଷ ବାରିକ ଓ ନିର୍ମଳ ବାରିକ ଯୋଗଦେଇଥିଲେ। ସର୍ଗିଗଡ଼ ଓ ଉପର କାଦକଳାରୁ ଆସିଥିବା ସଙ୍କୀର୍ତ୍ତନ ଦଳ ନାମ ସଙ୍କୀର୍ତ୍ତନ କରିଥିଲେ। ସ୍ଥାନୀୟ ରାଜ କିଶୋର ମହାକୁଡ ସଂକଳ୍ପରେ ବସିଥିବା ବେଳେ ମନୋଜ ମହାକୁଡ଼, ଦାଧିଆ ବାରିକ, ପ୍ରଶାନ୍ତ ବାରିକ, ଟୁକୁ ମହାକୁଡ଼ ପ୍ରମୁଖ ସହଯୋଗ କରିଥିଲେ।

## ଧର୍ମପରାୟଣାଙ୍କ ପରଲୋକ

**ପାଟଣା,୫।୩(ବୀର କିଶୋର ଦାଶ):** କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଡୁମୁରିଆ ପଞ୍ଚାୟତ ତଣ୍ଡ ଗ୍ରାମର ଧର୍ମ ପାରାୟଣା, ମହିଳା କୌଶଲ୍ୟା ପଲେଇ(୭୦)ଙ୍କ ସୋମବାର ବିୟୋଗ ଘଟିଛି। ସେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକଙ୍କ ପାଟଣା ବ୍ଲକ୍ ପ୍ରତିନିଧି ପ୍ରହ୍ଲାଦ ପଲେଇଙ୍କ ମା'। ମୃତ୍ୟୁଶଯ୍ୟା ନିକଟରେ ପ୍ରହ୍ଲାଦଙ୍କ ସହ ସାନ ପୁଅ ପ୍ରମୋଦ, ବୋହୂ, ନାତି ନାତୁଣୀ ଉପସ୍ଥିତ ଥିଲେ। ତଣ୍ଡ ବୈତରଣୀ ନଦୀ ବୋଟ ଘାଟରେ ମଙ୍ଗଳବାର ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଛି। ସ୍ୱାମୀ ପ୍ରଫୁଲ୍ଲ ପଲେଇ ମୁଖାଗ୍ନି ଦେଇଥିଲେ। ଏମ୍‌ପି ଅନନ୍ତ ନାୟକ, ପୂର୍ବତନ କେନ୍ଦୁଝର ଜିଲା ପରିଷଦ ଅଧ୍ୟକ୍ଷା ମମିତା ନାଏକ, ପୂର୍ବତନ ସାହାରପଡ଼ା ବ୍ଲକ୍ ଅଧ୍ୟକ୍ଷ ଗୌତମ ନାଏକ, ଡୁମୁରିଆ ସରପଞ୍ଚ ଗୌରହରୀ ନାଏକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ବିଧାୟକଙ୍କ ପାଟଣା ବ୍ଲକ୍ ପ୍ରତିନିଧି କମଳାକାନ୍ତ ଦାଶ, ପୂର୍ବତନ ଜିଲା ଭାଜପା ସଭାପତି ରାଧାକାନ୍ତ ମହାନ୍ତ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ

**କେନ୍ଦୁଝର,୫।୩ (ନରେଶ ଚନ୍ଦ୍ର ପଟ୍ଟନାୟକ/ ଦୀପକ ମିଶ୍ର)**

କେନ୍ଦୁଝର ବିଜେଡ଼ି ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀରେ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଛି। ଏହି ଅବସରରେ 'ସମୃଦ୍ଧ ଓଡିଶା ଗଠନରେ ବିଜୁବାବୁଙ୍କ ଅବଦାନ' ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଜେଡି ଜିଲା ସଭାପତି ଆଶିଷ ଚକ୍ରବର୍ତ୍ତୀଙ୍କ ନେତୃତ୍ୱରେ କେନ୍ଦୁଝର ସହରସ୍ଥ ଥାନା ଛକଠାରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୂର୍ବତନ ଏମ୍‌ପି ମାଧବ ସର୍ଦ୍ଦାର, ପୂର୍ବତନ ପୌରାଧ୍ୟକ୍ଷା ମୀନା ମାଝୀ, ଜିଲା ବରିଷ୍ଠ ଉପସଭାପତି ପ୍ରମୋଦ ପଟ୍ଟନାୟକ, ଜିଲା କୋଷାଧ୍ୟକ୍ଷ ରକ୍ଷାକର ସାହୁ, ସଦର ବ୍ଲକ୍ ସଭାପତି ଚକ୍ରଧର ପରି, ଜିଲା ପରିଷଦ ଅଧ୍ୟକ୍ଷା ତଥା ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ କମଳିନୀ ପାତ୍ର, ଜିଲା ପରିଷଦ ସଦସ୍ୟ ରଥ ମୁଣ୍ଡା, ନଗର ବିଜେଡି ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ଦେବୁ ପଟ୍ଟନାୟକ, ଜଗଦୀଶ ଆପଟ, ଝୁମ୍ପୁରା ବ୍ଲକ୍ ଅଧ୍ୟକ୍ଷା ମାଳତି ନାଏକ, ଝୁମ୍ପୁରା ବ୍ଲକ୍ ସଭାପତି ଡମ୍ବରୁଧର ଦାସ, କେନ୍ଦୁଝରଗଡ଼ ପୌରପାଳିକାର କାଉନ୍‌ସିଲର ଶରତ ଚନ୍ଦ୍ର ସାହୁ, କେକୀକାକଳି କୁମୁରା, ଆଦିବାସୀ ଯୁବନେତା ସତ୍ୟବ୍ରତ ନାଏକ, ବରିଷ୍ଠ କର୍ମୀ ବିପିନ ଆପଟ ପ୍ରମୁଖ ଶତାଧିକ କର୍ମୀ ଉପସ୍ଥିତ ଥିଲେ।



ବିଜେଡି ନେତୃବୃନ୍ଦ ଓ କର୍ମକର୍ତ୍ତା ବିଜୁ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

**ପାଟଣା(ବୀର କିଶୋର ଦାଶ):** ପାଟଣା ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜୁ ଜୟନ୍ତୀ ପାଟଣା ମୁଖ୍ୟାଳୟ ଆନନ୍ଦେଶ୍ୱର ଶିବ ମନ୍ଦିର ସନ୍ନିକଟ କଲ୍ୟାଣ ମଣ୍ଡପଠାରେ ବିଜେଡି ତରଫରୁ ଅନୁଷ୍ଠିତ ହୋଇଛି। ଆୟୋଜିତ ସଭାରେ ପାଟଣାର ପୂର୍ବତନ ବିଧାୟକ ଜଗନ୍ନାଥ ନାଏକଙ୍କ ନେତୃତ୍ୱରେ ପାଟଣା ବ୍ଲକ୍ ବିଜେଡି ସଭାପତି ମାଧବାନନ୍ଦ ପୃଷ୍ଟି, ସାହାରପଡ଼ା ବ୍ଲକ୍ ସଭାପତି ଦିଲ୍ଲୀପ ସାହୁ, ରାହାସ ବିହାରୀ ପୃଷ୍ଟି, ପ୍ରଶାନ୍ତ ଭଞ୍ଜ, ଶତ୍ରୁଘନ ସିଂ, ଅଜୟ ପଟ୍ଟନାୟକ, ସୁକାନ୍ତି ନାଏକ, ବୁଦ୍ଧଦେବ ମହାକୁଡ଼, ବିନତି ବାନାରା, ପାର୍ବତୀ ଦେହୁରୀ ପ୍ରମୁଖ ସାମିଲ ହୋଇଥିଲେ।

**ଯୋଡ଼ା(ମାନସ ମହାନ୍ତି):** ଯୋଡ଼ା ବିଜେଡି ପକ୍ଷରୁ ଯୋଡ଼ା ଗୋପ ମହାନ୍ତିସ୍ଥିତ ଉପନଗରପାଳଙ୍କ କାର୍ଯ୍ୟାଳୟରେ ବିଜୁ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀ ପାଳନ କରାଯାଇଛି। ପୌରପାଳିକା ଉପନଗରପାଳ ସନ୍ଧ୍ୟା ପାତ୍ର, ବାବୁଲାଲ ସାହୁ, ପୂର୍ବତନ କାଉନ୍‌ସିଲର ସସ୍ମିତା ମହାନ୍ତି, ଯୋଡ଼ା ଟ୍ରକ୍‌ମାଲିକ ସଂଘ ସମ୍ପାଦକ ସୁଶାନ୍ତ ବାରିକ, ଯୋଡା ନଗର ବିଜେଡି ସଭାପତି ଚତୁର୍ଭୁଜ ପଲେଇ, ପୂର୍ବତନ କାଉନ୍‌ସିଲର ଜିତେନ୍ଦ୍ର ଜୟସାଲ, ନିରଞ୍ଜନ ବହିଦାରଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

## ବୋଲେରୋ-ଆମ ବସ୍ ମୁହାଁମୁହିଁ

**ଯୋଡ଼ା,୫।୩(ମାନସ ମହାନ୍ତି):** କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ କଙ୍କଡ଼ାଯୋଡି ନିକଟ ଘାଟି ରାସ୍ତାରେ ବୋଲେରୋ ଓ ଆମ ବସ୍ ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣାରେ ବୋଲେରୋ ଡ୍ରାଇଭର ଆହତ ହୋଇଥିବା ଜଣାପଡ଼ିଛି।

## ବାଇକ୍ ଧକ୍କାରେ ଜଣେ ମୃତ

**ଢେଙ୍କିକୋଟ,୫।୩(ନୀଳମଣି ମଣ୍ଡଳ):** କେନ୍ଦୁଝର ଜିଲା ଘଟଗାଁ ଥାନା ବାରହାଟିପୁରା ପଞ୍ଚାୟତ ବାରହାଟିପୁରା ଗ୍ରାମ ରାସ୍ତାରେ ବୁଧବାର ରାତିରେ ଏକ ବାଇକ୍ ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ଗ୍ରାମର ବିରଞ୍ଚି ପାତ୍ର(୫୭)। ସେ ରାତି ୮ ଟାରେ ଚାଲି ଚାଲି ଘରକୁ ଯାଉଥିଲେ। ସେ ସମୟରେ ଗ୍ରାମର ପ୍ରଦୀପ ଖୁଣ୍ଟିଆ(୨୫) ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ବିରଞ୍ଚିକୁ ଧକ୍କା ଦେଇଥିଲେ। ବିରଞ୍ଚି ଓ ପ୍ରଦୀପ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଘଟଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ବିରଞ୍ଚିଙ୍କୁ ମୃତ ଘୋଷଣା କରିଥିଲେ। ପ୍ରଦୀପଙ୍କୁ ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ସ୍ଥାନାନ୍ତର କରାଯାଇଛି। ଘଟଗାଁ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଘଟଗାଁ ଥାନାରେ ଏକ ମାମଲା(ନଂ. ୧୪୩/୨୬) ରୁଜୁ ହୋଇ ତଦନ୍ତ ଜାରି ରହିଛି।

## ବିଭିନ୍ନ ଅନୁଷ୍ଠାନ ସହ ହୋଲି ଖେଳିଲେ ଏମ୍‌ପି


ଏମ୍‌ପି ଅନନ୍ତ ନାୟକ ସ୍ଥାନୀୟ ଲୋକଙ୍କ ସହ ହୋଲି ଖେଳୁଛନ୍ତି।

**ଢେଙ୍କିକୋଟ,୫।୩(ନୀଳମଣି ମଣ୍ଡଳ)**

କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ ପବିତ୍ର ହୋଲି ପର୍ବରେ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ ସଦସ୍ୟ ତଥା ଜନସାଧାରଣଙ୍କ ସହ ଭାଇଚାରା ନେଇ ହୋଲି ଖେଳିଛନ୍ତି। ସ୍ଥାନୀୟ ପୋଲିସ ଏସ୍‌ଡିପିଓ, ବିଭିନ୍ନ ଥାନାର ଅଧିକାର ଉପସ୍ଥିତ ଥିଲେ। ଢେଙ୍କିକୋଟ ବଜାରରେ ଦୀର୍ଘ ୨୫ ବର୍ଷରୁ ଊର୍ଦ୍ଧ୍ୱ ହେବ ଭାଙ୍ଗି ଯାଇଥିବା ପରମ୍ପରାକୁ ନୂତନ ଭାବେ ସମସ୍ତଙ୍କୁ ଏକାଠି କରି ହୋଲି ଖେଳି ଏକତ୍ରିତ କରିଥିବା ଦେଖିବାକୁ ମିଳିଛି। ମହାଲକ୍ଷ୍ମୀ ପୂଜା କମିଟି, ଦୁର୍ଗାପୂଜା କମିଟି, ଶ୍ରୀଦୁର୍ଗା ପୂଜା କମିଟି, ବିକାଶ ମଞ୍ଚ, ବଣିକ ସଂଘର କର୍ମକର୍ତ୍ତା ଏକତ୍ରିତ ହୋଇ ହୋଲି ଖେଳିଥିଲେ। ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବିକାଶ ମଞ୍ଚର ସଭାପତି ଅଖିଳ ପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଏମ୍‌ପ, ମୁଖ୍ୟ ବକ୍ତାଭାବେ ଘଟଗାଁ ବିଡ଼ିଓ ଖଗେଶ୍ୱର ବରାଳ, ସମ୍ମାନୀୟ ଅତିଥିଭାବେ ଘଟଗାଁ ଏସ୍‌ଡିପିଓ ବିଜୟ କୃଷ୍ଣ ମହାପାତ୍ର, ଘଟଗାଁ ଆଇଆଇସି ଶୁଭ୍ରାନ୍ତ ଜେନା, ବିକାଶମଞ୍ଚର ସମ୍ପାଦକ ବିଜୟ କୁମାର ସାହୁ ଯୋଗ ଦେଇଥିଲେ। ଶେଷରେ ମହାଲକ୍ଷ୍ମୀ ପୂଜା କମିଟିର ସଭାପତି ରାମଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ: ବଲାଣୀ ଚାମ୍ପିୟନ

**କେନ୍ଦୁଝର,୫।୩(ଦୀପକ ମିଶ୍ର):** କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତ ଭାଗୁଣିଆଁ ଗାଁର ଖେଳପଡ଼ିଆରେ ମା'ମଙ୍ଗଳା ଭଲିବଲ କ୍ଲବ୍ ପକ୍ଷରୁ ଚାଲିଥିବା ପ୍ରଥମ ବାର୍ଷିକ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ କିରିବୁରକୁ ୨-୧ ସେଟ୍‌ରେ ହରାଇ ବଲାଣୀ ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଗଣେଶ୍ୱର ମହାନ୍ତ, ମୁଖ୍ୟବକ୍ତା ଭାଜପା ମହିଳା ମୋର୍ଚ୍ଚା ଉପ ସଭାପତି ଗୀତାଞ୍ଜଳୀ ମହାନ୍ତ, ସମ୍ମାନିତ ଅତିଥି ଧନୁର୍ଜୟ ମହାନ୍ତ, ନଳ ଦେହୁରୀ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଦଳକୁ ୫ ହଜାର ସହ ଟ୍ରଫି ଏବଂ ରନର୍ସ ଦଳକୁ ୪ ହଜାର ସହ ଟ୍ରଫି ପ୍ରଦାନ କରିଥିଲେ। କ୍ଲବ୍‌ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।


ଟ୍ରଫି ସହ ବିଜେତା ଦଳର ଖେଳାଳିମାନେ।

## ଦୋଳ ଗୋବିନ୍ଦ ସଂସ୍କୃତି ଓ କଳା ପ୍ରତିଷ୍ଠାନର ବାର୍ଷିକ ଉତ୍ସବ

**ବଉଳା, ୫।୩( ଦୁର୍ଗା ପ୍ରସାଦ ଆୟଚ):** କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ବାଲିବରେଇ ପଞ୍ଚାୟତ ନୁଆଗାଁ ଦୋଳ ମେଳଣ ପଡ଼ିଆରେ ଦୋଳ ଗୋବିନ୍ଦ ସଂସ୍କୃତି ଓ କଳା ପ୍ରତିଷ୍ଠାନର ୧୨ତମ ବାର୍ଷିକ ଉତ୍ସବ ଓ ମା' ବିଶ୍ୱ ତାରିଣୀ କଳାକାର ପରିଷଦର ୧୫ ତମ ବ୍ଲକସ୍ତରୀୟ ସମ୍ମିଳନୀ ମିଳିତ ଭାବେ ୨ ଦିନ ଧରି ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସଭାପତି ଦିବାକର ବାରିକଙ୍କ ସଭାପତିତ୍ୱରେ ଉପେନ୍ଦ୍ର ନାଥ ମିଶ୍ର, ଗୌରାଙ୍ଗ ରାଉତ, ବାବଜୀ ଚରଣ ଜେନା, ତପୋଧନ ଆୟଚ, ଅନନ୍ତ ଚରଣ ପଣ୍ଡା ଯୋଗଦେଇଥିବା ବେଳେ ବରିଷ୍ଠ ଶିକ୍ଷାବିତ୍ ମୋହନ କୁମାର ମହାନ୍ତି ସଂଯୋଜନା କରିଥିଲେ। ଏଥିରେ ୧୦ ଟି ପାଲା ଗାୟକ ଯୋଗଦେଇ ପାଲା ପରିବେଷଣ କରିଥିବାବେଳେ ଦାସ କାଠିଆ, କେନ୍ଦରା ଗୀତ ଇତ୍ୟାଦି କାର୍ଯ୍ୟକ୍ରମ କରାଯାଇଥିଲା। ଦୋଳ ଗୋବିନ୍ଦ ସଂସ୍କୃତି ଓ କଳା ପ୍ରତିଷ୍ଠାନ ପକ୍ଷରୁ ଅତିଥି, ପାଲା ଗାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରମେଶ ପଲେଇ, ଅଭୟ ମଲ୍ଲିକ, ଅନନ୍ତ ନାରାୟଣ ମୁଦୁଲି, ଗଦାଧର ମଲ୍ଲିକ, ଚନ୍ଦନ ଭୂୟାଁ ପରିଚାଳନା କରିଥିଲେ।


ଉତ୍ସବରେ ଉପସ୍ଥିତ ଅତିଥି।

## କେନ୍ଦୁଝର କୋର୍ଟକୁ ବୋମା ଧମକ

### ଡଗ୍ ଓ ବୋମା ସ୍କ୍ୱାଡ୍‌ର ତନାଘନା



ସନ୍ଧାନୀ କୁକୁର ଦ୍ୱାରା ଯାଞ୍ଚ କରାଯାଉଛି।

**କେନ୍ଦୁଝର,୫।୩(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ଦୌରାଜଜ୍‌ଙ୍କ କୋର୍ଟକୁ ବୋମାରେ ଉଡ଼ାଇଦେବା ପାଇଁ ଧମକ ଆସିଛି। ମଙ୍ଗଳବାର କୋର୍ଟ ଅଫିସିଆଲ ଇ-ମେଲ୍‌କୁ ଏକ ଧମକପୂର୍ଣ୍ଣ ମେସେଜ ଆସିବା ପରେ ବିଚାର ବିଭାଗ, ଜିଲା ପ୍ରଶାସନ ଓ ପୋଲିସ ମଧ୍ୟରେ ହଇଚଇ ସୃଷ୍ଟି ହୋଇଛି। ଧମକପୂର୍ଣ୍ଣ ମେଲ୍ ମିଳିବା ପରେ ତୁରନ୍ତ ଟାଉନ ଥାନାରେ ଏକ ଏତଲା ଦାୟର କରାଯାଇଥିଲା। ସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ କୋର୍ଟ ପରିସରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ଡଗ୍ ସ୍କ୍ୱାଡ୍ ଏବଂ ବୋମା ନିଷ୍କ୍ରିୟକାରୀ ଦଳ କୋର୍ଟରେ ପହଞ୍ଚି କୋର୍ଟ ରୁମ୍, କାର୍ଯ୍ୟାଳୟ, ବାହାର ପରିସରରେ ଯାଞ୍ଚ କରିଥିଲେ। ଟାଉନ ଥାନା ଆଇଆଇସି ଶ୍ରୀକାନ୍ତ ସାହୁଙ୍କ ସୂଚନା ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା କୋର୍ଟ ପରିସରରୁ କୌଣସି ପ୍ରକାର ସନ୍ଦେହଜନକ ପଦାର୍ଥ କିମ୍ବା ବୋମାର ସୁରାକ ମିଳିନାହିଁ। ତଥାପି ସୁରକ୍ଷା ଦୃଷ୍ଟିରୁ ପୋଲିସ ପକ୍ଷରୁ ସଜାଗ ରହିବା ସହ ଘଟଣାର ତଦନ୍ତ ଜାରି ରହିଛି। ଘଟଣାକୁ ନେଇ କେନ୍ଦୁଝର ବାର୍ ଆସୋସିଏଶନ ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଆସୋସିଏଶନ ସଭାପତି ଆଲୋକ ମହାନ୍ତ କହିଛନ୍ତି, ଏଭଳି ଗୁଜବ ସୃଷ୍ଟିକାରୀ ବ୍ୟକ୍ତି ବା ଗୋଷ୍ଠୀ ବିରୋଧରେ ସରକାର ଓ ପ୍ରଶାସନ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ। ଏହାଦ୍ୱାରା ନ୍ୟାୟିକ ବ୍ୟବସ୍ଥାରେ କୌଣସି ବାଧା ସୃଷ୍ଟି ହେବନାହିଁ।

## ଦିବଂଗତ ଶିକ୍ଷକଙ୍କ ଶୋକସଭା

**କେନ୍ଦୁଝର,୫।୩(ଦୀପକ ମିଶ୍ର)**

କେନ୍ଦୁଝର ତଥା ରାଜ୍ୟର ଅଗ୍ରଣୀ ଶିକ୍ଷାୟତନ ଧନୁର୍ଜୟ ନାରାୟଣ ଉଚ୍ଚ ବିଦ୍ୟାଳୟ ଅବସରପ୍ରାପ୍ତ ଶିକ୍ଷକ ସତୀଶ ଚନ୍ଦ୍ର ସାହୁଙ୍କ ପରଲୋକରେ କେନ୍ଦୁଝରଗଡ଼ ତୈଳିକ ବୈଶ୍ୟ ସମାଜରେ ଗୁରୁବାର ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ବଡ଼ପୁଅ ଅମିତାଭ ସାହୁ, ସାନପୁଅ ଅବିନାଶ ସାହୁ, ଝିଅ ଅଞ୍ଜଳି ସାହୁ, ଭାଇ ପଞ୍ଚାନନ ସାହୁ, ପରେଶନାଥ ସାହୁ, ସେବତୀ ସାହୁ, ମାମି ସାହୁ, ସୁଶ୍ରୀ ସଙ୍ଗୀତା ସାହୁ, କୃଷ୍ଣାଭାରତୀ ସାହୁ, ପତ୍ନୀ ମଞ୍ଜୁଲତା ସାହୁ, ଜ୍ୱାଇଁ ବିକ୍ରମ କେଶରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜଣେ ମେଳାପୀ ଓ ଛାତ୍ରବତ୍ସଳ ଶିକ୍ଷକଭାବେ ସତୀଶ ଚନ୍ଦ୍ର ସାହୁଙ୍କ ସୁନାମ ଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ବିୟୋଗରେ ଶୋକପ୍ରକାଶ କରିଛନ୍ତି। ତାଙ୍କ ସ୍ମୃତିରେ କେନ୍ଦୁଝରଗଡ଼ ଶବ୍ଦମନ୍ଦିର ପ୍ରକାଶନୀ ତରଫରୁ ପୁରାତନ ଛାତ୍ର ଦେବୀଶଙ୍କର ଦାଶଙ୍କ ସମ୍ପାଦନାରେ 'ସ୍ମୃତିରେ ସତୀଶ' ପୁସ୍ତିକା ପ୍ରକାଶ ପାଇଛି।


ଅତିଥିମାନେ 'ସ୍ମୃତିରେ ସତୀଶ' ପୁସ୍ତିକା ଉନ୍ମୋଚନ କରୁଛନ୍ତି।

